


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୬ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 JANUARY 2025

Vol.No. 36 ■ No.25 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧















ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୬ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 JANUARY 2025
Vol.No. 36 ■ No.25 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସମ୍ବିଧାନ ଆମର ସାମୂହିକ ପରିଚୟର ଆଧାର: ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୫/୧ (ନି.ପ୍ର): ୭୬ତମ ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ର ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି, ଗଣତନ୍ତ୍ର ଦିବସ ଅବସରରେ ମୁଁ ଆପଣଙ୍କୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି । ୭୫ବର୍ଷ ପୂର୍ବେ, ୨୬ ଜାନୁଆରୀରେ, ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ଆଜି ଆମେ ପ୍ରଥମେ ଦେଶ ନିର୍ମାଣରେ ନିଜର ପଦଚିହ୍ନ ଛାଡ଼ିଥିବା ମହାମନିଷୀଙ୍କୁ ସ୍ମରଣ କରିବା ଉଚିତ୍ । ଯେଉଁମାନେ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ବଳିଦାନ ଦେଇଥିଲେ । ଆମେ ଚଳିତ ବର୍ଷ ଭଗବାନ୍ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜନ୍ମ ବାର୍ଷିକୀ ପାଳନ କରୁଛୁ । ସେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିନିଧୀ ଭାବରେ ଛିଡା ହୋଇଛନ୍ତି ଯାହାର ଜାତୀୟ ଇତିହାସରେ ଭୂମିକା ବର୍ତ୍ତମାନ ସତ୍ୟରେ ସ୍ୱୀକୃତିପ୍ରାପ୍ତ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ, ସେମାନଙ୍କର ସଂଘର୍ଷ ଏକ ସଂଗଠିତ ଦେଶବ୍ୟାପୀ ସ୍ୱାଧୀନତା ଆନ୍ଦୋଳନରେ ଏକୀଭୂତ ହୋଇଥିଲା । ସ୍ୱାଧୀନତା, ସମାନତା ଏବଂ ଭ୍ରାତୃଭାବ ତତ୍ତ୍ୱିକ ଧାରଣା ନୁହେଁ ଯାହାକୁ ଆମେ ଆଧୁନିକ ଯୁଗରେ ଶିଖିବାକୁ ଆସିଥିଲୁ । ସେମାନେ ସର୍ବଦା ଆମର ସଭ୍ୟତା ଐତିହ୍ୟର ଅଂଶ ହୋଇଆସୁଛନ୍ତି । ରାଷ୍ଟ୍ରପତି କହିଛନ୍ତି, ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ କେବଳ ତତ୍ତ୍ୱିକ ଧାରଣା ନୁହେଁ ଯାହାକୁ ଆମେ ଆଧୁନିକ ଯୁଗରେ ପରିଚିତ କରିଛୁ । ଏହି ଜୀବନ ମୂଲ୍ୟ ସବୁବେଳେ ଆମର ସଭ୍ୟତା ଏବଂ ସଂସ୍କୃତିର ଏକ ଅଂଶ ହୋଇଆସିଛି । ଭାରତର ଗଣତନ୍ତ୍ର ମୂଲ୍ୟ ପ୍ରତିଫଳନ ଆମର ସମ୍ବିଧାନ ରଚନାରେ ମଧ୍ୟ ଦୃଶ୍ୟମାନ ହେଉଛି । ସେଥିରେ ସମସ୍ତ ବର୍ଗଙ୍କର ପ୍ରତିନିଧିତ୍ୱ ରହିଛି । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ସରୋଜିନୀ ନାଇଡୁ, ରାଜକୁମାରୀ ଅମୃତ କୌର, ସୁଚେତା କ୍ରିପାଲିନି, ହଂସାବେନ୍ ମେହେଟ୍ଟା ଏବଂ ମାଳତୀ ଚୌଧୁରୀଙ୍କ ପରି ୧୫ ଜଣ ଅସାଧାରଣ ମହିଳା ମଧ୍ୟ ସାମିଲ ହୋଇଥିଲେ । ଏଥିରୁ ସ୍ପଷ୍ଟ ଯେ, ସମ୍ବିଧାନ ଆମର ସାମୂହିକ ପରିଚୟର ଆଧାର । ରାଷ୍ଟ୍ରପତି କହିଛନ୍ତି ଯେ, ଭାରତର କୃଷକମାନେ କଠିନ ପରିଶ୍ରମ କରିଛନ୍ତି ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନରେ ଦେଶକୁ ଆତ୍ମନିର୍ଭରଶୀଳ କରିଛନ୍ତି । ସେ କହିଛନ୍ତି, 'ଆମର କୃଷକ ଭାଇ ଓ ଭଉଣୀମାନେ କଠିନ ପରିଶ୍ରମ କରିଥିଲେ ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆମ ଦେଶକୁ ଆତ୍ମନିର୍ଭରଶୀଳ କରିଥିଲେ । ଆମର ଶ୍ରମିକ ଭାଇ ଓ ଭଉଣୀମାନେ ଅକ୍ଲାନ୍ତ ପରିଶ୍ରମ କରିଥିଲେ ଏବଂ ଆମର ଭିତ୍ତିଭୂମି ତଥା ଉତ୍ପାଦନ କ୍ଷେତ୍ରକୁ ନବୀକରଣ କରିଥିଲେ ।

## ମହାକାଶରେ ମହାକିର୍ତ୍ତିମାନ ରଚିବ ଇସ୍ରୋ: ଉପଗ୍ରହ ଉତକ୍ଷେପଣରେ ମାରିବ ସେଞ୍ଚୁରୀ




ନୂଆଦିଲ୍ଲୀ, ୨୫/୧ : ଅପଗ୍ରେଡ୍ ହେବ ଭାରତର ନାବିକ ସାଟେଲାଇଟ୍ । ଆସନ୍ତା ସପ୍ତାହରେ ମହାକାଶ ବିଜ୍ଞାନରେ ଆଉ ଏକ ମାଇଲଷ୍ଟୋନ ରଚିବା ରାସ୍ତାରେ ଇସ୍ରୋ । ଜାନୁଆରି ୨୯ ତାରିଖରେ ନୂଆ ଇତିହାସ ଲେଖିବ ଭାରତୀୟ ମହାକାଶ ବିଜ୍ଞାନ ଗବେଷଣା ସଂସ୍ଥା । ଶ୍ରୀହରିକୋଟାରୁ ୧୦୦ତମ ଉତକ୍ଷେପଣ ପୂରା କରି ସେନଚୁରି ମାରିବାକୁ ଯାଉଛି ଭାରତ । ସକାଳ ୬ଟା ୩୦ରେ ଘଏଠ-୨ ବା ନାବିକ୍-ଟୁ ମିଶନ ଲଞ୍ଚ କରିବ ଇସ୍ରୋ । ଜିଏସଏଲଭି ରକେଟ ମାଧ୍ୟମରେ ଏହାକୁ ମହାକାଶକୁ ପଠାଯିବ । ନାବିକ୍ ସିଷ୍ଟମ ପାଇଁ ଏହି ସାଟେଲାଇଟକୁ ମହାକାଶରେ ଅବସ୍ଥାପିତ କରାଯିବ । ନାଭିକ ହେଉଛି ଭାରତର ରିଜିଓନାଲ ନାବିଗେସନ ସାଟେଲାଟ୍ ସିଷ୍ଟମ । ଏହା ଆମେରିକାର ଜିପିଏସ୍ ଭଳି କାର୍ଯ୍ୟ କରେ । ପୂର୍ବରୁ କାରଗିଲ ଯୁଦ୍ଧ ସମୟରେ କାଶ୍ମୀରର ଦୁର୍ଗମ ପାର୍ବତ୍ୟାଞ୍ଚଳରେ ଆମେରିକୀୟ ସଂସ୍ଥା ପରିଚାଳିତ ଜିପିଏସ୍ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଭାରତୀୟ ସୈନ୍ୟବାହିନୀ ବହୁ ସମସ୍ୟାର ସମ୍ମୁଖୀନ ହେଲା । ତେଣୁ ଭାରତ ସରକାର ଦେଶର ନିଜସ୍ୱ ଜିପିଏସ୍ ପ୍ରଚଳନ ପାଇଁ ନିଷ୍ପତ୍ତି ନେଇଥିଲେ । ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ ନୌସଞ୍ଚାଳନ ବ୍ୟବସ୍ଥାର ଉପଯୋଗିତାକୁ ଦୃଷ୍ଟିରେ ରଖି ୧୯୯୯ ମସିହାରେ ଲଞ୍ଚ ହୋଇଥିଲା ନିବାକ୍ । ୨୦୧୩ରେ ଏହାକୁ ଉତକ୍ଷେପଣ କରାଯାଇଥିଲା । ଏବେ ଏହାର ଅପଗ୍ରେଡ୍ ଭର୍ସନ ଆସିବାକୁ ଯାଉଛି । ଏହି ସାଟେଲାଇଟକୁ ଯାନବାହନ, ଉଡ଼ାଜାହାଜ, ଜଳଜାହାଜ, ମୋବାଇଲ୍ ଫୋନ୍ ଆଦିର ଅବସ୍ଥିତି ନିରୂପଣ କରାଯିବା ସହିତ ଦେଶର ପରିବେଶ ସୁରକ୍ଷା, ଅରଣ୍ୟ ସଂରକ୍ଷଣ, ବିପର୍ଯ୍ୟୟ ପରିଚାଳନା, ଭୌଗୋଳିକ ସୂଚନା ଆଦି କ୍ଷେତ୍ରରେ ବ୍ୟବହାର କରାଯାଇପାରିବ ।

## ଶକ୍ତି ଦେଖାଇଲା 'ଆକାଶ' : ଗୋପାଳପୁରରେ ସଫଳ ହେଲା ପରୀକ୍ଷଣ



ଗୋପାଳପୁର ସମୁଦ୍ରକୂଳରୁ ନିଜର ଶକ୍ତି ପ୍ରଦର୍ଶନ କରିଛି ଭାରତୀୟ ସେନା । ଦିନ ଓ ରାତି ଯେକୌଣସି ସମୟରେ ଟାର୍ଗେଟକୁ ଭେଦ କରିବାରେ କ୍ଷମତା ରଖିଛି ଆକାଶ ମିସାଇଲ । ସ୍ଥଳଭାଗରୁ ଆକାଶ ମାର୍ଗକୁ ଆକ୍ରମଣ କରିପାରେ ଆକାଶ ମିସାଇଲ୍ ।

ଭୁବନେଶ୍ୱର, ୨୫/୧(ନି.ପ୍ର) : ନୂଆ ପୀଢ଼ିର ଆକାଶ କ୍ଷେପଣାସ୍ତ୍ର 'ଆକାଶ' ର ପରୀକ୍ଷଣ ସୋମବାର ସଫଳ ହୋଇଛି । ଓଡ଼ିଶା ଉପକୂଳରେ ଗୋପାଳପୁର ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟିରୁ ଏହାର ପରୀକ୍ଷଣ କରାଯାଇଛି । ଯାହା ନିର୍ଦ୍ଧାରିତ ଲକ୍ଷ୍ୟକୁ ଖୋଜି ଟାର୍ଗେଟ୍ କରିପାରୁଛି । ଏହି ପରୀକ୍ଷଣର ଏକ ଭିଡିଓ ଜାରି କରିଛି ଭାରତୀୟ ସେନାର ଚେତକ କର୍ପସ୍ । ଦିନ ହେଉ ବା ରାତି । ଶତ୍ରୁପକ୍ଷର ନିଦ ହଜାଇ ଦେବ ଆକାଶ ମିସାଇଲ୍ ।

## ଅର୍ଥ ହଡ଼ପ ମାମଲା: ୩ ପୂର୍ବତନ ମୃତ୍ତିକା ସଂରକ୍ଷଣ ସହାୟକଙ୍କୁ ୨ ବର୍ଷ ଜେଲ୍

ସୁନ୍ଦରଗଡ଼, ୨୫/୧ (ନି.ପ୍ର): ମିଥ୍ୟା ବିଲ୍ ଭାଉଚର୍ ପ୍ରସ୍ତୁତ କରି ଚାରାରୋପଣ ଅର୍ଥ ହଡ଼ପ ମାମଲାରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗୋପାଳପୁର ରେଞ୍ଜର ପୂର୍ବତନ ମୃତ୍ତିକା ସଂରକ୍ଷଣ ସହାୟକ କାମରାଜ ବେହେରା, ରସାନନ୍ଦ ଚୌଧୁରୀ ଓ ନରେନ୍ଦ୍ର କାଲୋଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେମାନଙ୍କୁ ୨ ବର୍ଷ ଲେଖାଏଁ ଜେଲ୍ ଓ ୧୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ଜରିମାନା ଅନାଦାୟରେ ଜେଲ୍ ଦଣ୍ଡ ଅଧିକ ୬ ମାସ ବୃଦ୍ଧି ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀ ଅନୁସାରେ, ୨୦୦୨ରେ ହେମଗିର ବ୍ଲକ୍ ବାଙ୍ଗୁରକେଲାରେ ଚାରାରୋପଣ ନାଁରେ ଗୋପାଳପୁର ରେଞ୍ଜରେ କାର୍ଯ୍ୟରତ ୩ ମୃତ୍ତିକା ସଂରକ୍ଷଣ ବିଭାଗ ସହାୟକ ମିଥ୍ୟା ବିଲ୍, ଭାଉଚର ଓ ମଷ୍ଟରରୁଲ୍ ପ୍ରସ୍ତୁତ କରି ସରକାରୀ ଅର୍ଥ ହଡ଼ପ କରିଥିବା ଜଣାପଡ଼ିଥିଲା । ୨୯.୬.୨୦୦୪ ରେ ସୁନ୍ଦରଗଡ଼ ଭିଜିଲାନ୍ସ ନିରୀକ୍ଷକ ଆର.କେ. କାନୁନଗୋ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରି ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଥିଲେ ।

## ବିଭିନ୍ନ ଜିଲ୍ଲା ପାଇଁ ସଭାପତି ଘୋଷଣା କଲା ବିଜେପି

ଭୁବନେଶ୍ୱର, ୨୫/୧(ନି.ପ୍ର) : ତୃଣମୂଳ ସ୍ତରରେ ସଂଗଂନକୁ ସୁଦୃଢ଼ କରିବା ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି)ର ଓଡ଼ିଶା ଶାଖା ବିଭିନ୍ନ ଜିଲ୍ଲାରେ ସଭାପତିଙ୍କ ନାମ ଘୋଷଣା କରିଛି । ବିଜେପି କଟକ ଜିଲ୍ଲା ପାଇଁ ସୁକାନ୍ତ ବିଶ୍ୱାଳଙ୍କୁ ସଭାପତି କରିଛି । ଦେବେନ୍ଦ୍ର ନାଥଙ୍କୁ ପୁରୀ, ରାହାସ ବିହାରୀ ବେହେରାଙ୍କୁ ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି କରିଛି । ଗଞ୍ଜାମରେ ସରୋଜ ସାବତ ଓ ବଲାଙ୍ଗୀରରେ ଶ୍ରୀବତ୍ସ ବେହେରା ଜିଲ୍ଲା ସଭାପତି ହୋଇଛନ୍ତି । ଆଜି ପ୍ରଥମ ଦିନରେ ୨୩ଟି ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତିଙ୍କ ନାମ ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ପର୍ଯ୍ୟାୟରେ ୨୩ଟି ସାଂଗଠାନିକ ଜିଲ୍ଲାର ଜିଲ୍ଲା ସଭାପତିନା ଘୋଷଣା ହେବା ପରେ ବାକି ୧୪ଟି ଜିଲ୍ଲା ସଭାପତିଙ୍କ ନାଁ ଦ୍ୱିତୀୟ ପର୍ଯ୍ୟାୟରେ ଘୋଷଣା କରାଯିବ ବୋଲି ସୂଚନା ରହିଛି । ସେପଟେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି କୌଣସି ଦ୍ୱନ୍ଦ୍ୱ ନାହିଁ । ସହମତି ଭିତରେ ଜିଲ୍ଲା ସଭାପତି ବଛାଯାଉଛି । ଗଞ୍ଜାମ- ସରୋଜ ସାବତ, ବଲାଙ୍ଗୀର- ଶ୍ରୀବତ୍ସ ବେହେରା, ପୁରୀ- ଦେବେନ୍ଦ୍ର ତରାଇ, ସୁନ୍ଦରଗଡ଼- ଗିରିଶ ସାହୁ, ଢେଙ୍କାନାଳ- ରାହାସ ବିହାରୀ ବେହେରା, କେନ୍ଦ୍ରାପଡ଼ା- ଶଶାଙ୍କ ଶେଖର ସେଠି, ବାଲେଶ୍ୱର- ଈଶ୍ୱର ଚନ୍ଦ୍ର ବେହେରା, କଟକ ନଗର- ସୁକାନ୍ତ ବିଶ୍ୱାଳ, କଳାହାଣ୍ଡି- ଯୁଗଳ ପୋଦ୍ଦ, ମୟୂରଭଞ୍ଜ (ରାଇରଙ୍ଗପୁର)- ଜୁରିଲାଲ ମହନ୍ତ, ଦେବଗଡ଼- ଅରୁଣ କୁମାର ସାହୁ ।

## ଦିଲ୍ଲୀ ପାଇଁ ବିଜେପିର କୌଣସି ଯୋଜନା ନାହିଁ: କେଜ୍ରିୱାଲ୍

ନୂଆଦିଲ୍ଲୀ, ୨୫/୧ : ଦିଲ୍ଲୀରେ ବିଧାନସଭା ନିର୍ବାଚନକୁ ନେଇ ପ୍ରଚାର ଚରମରେ ପହଞ୍ଚିଛି । ସେପଟେ ଶନିବାର ବିଜେପି ସଂକଳ୍ପ ପତ୍ରର ତୃତୀୟ ଭାଗ ଜାରି କରିଛି । ଅମିତ ଶାହା ଏହି ସଂକଳ୍ପ ପତ୍ରର ଶୁଭାରମ୍ଭ କରିଛନ୍ତି । ସେପଟେ ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ପୂର୍ବତନ ସିଏମ ଅରବିନ୍ଦ କେଜ୍ରିୱାଲ ଏହାକୁ ଟାର୍ଗେଟ କରିଛନ୍ତି । ଦିଲ୍ଲୀ ପାଇଁ ବିଜେପିର କୌଣସି ଯୋଜନା ନାହିଁ ବୋଲି ସେ ଦାବି କରିଛନ୍ତି । ଅରବିନ୍ଦ କେଜ୍ରିୱାଲ ନିଜ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, ଆଜି ଅମିତ ଶାହାଜୀ ଦିଲ୍ଲୀ ଆସି ମୋତେ ଗାଳିଗୁଲଜ କରି ଚାଲିଗଲେ । ଦୁର୍ବ୍ୟବହାର ଦିଲ୍ଲୀର ବିକାଶ କରିବ କି? ଦିଲ୍ଲୀ ପାଇଁ ବିଜେପିର କୌଣସି ଯୋଜନା କିମ୍ବା ଦୃଷ୍ଟିକୋଣ ନାହିଁ । ଯଦି ଆଉ କିଛି ନାହିଁ, ତେବେ ଆପଣ ଆମେ ପ୍ରଦାନ କରୁଥିବା ସୁବିଧାସୁଯୋଗ ଗୁଡ଼ିକର ପୁନରାବୃତ୍ତି କରିବେ କି? ଆତ୍ମସମର୍ପଣ କରିଦେଇଛି ବିଜେପି । ବିଜେପିର ନିର୍ବାଚନ ଶେଷ ହୋଇଯାଇଛି । ଏହା ପୂର୍ବରୁ ବିଜେପିର ସଂକଳ୍ପପତ୍ର ଜାରି କରି ଅମିତ ଶାହା କହିଥିଲେ କେଜ୍ରିୱାଲ ଦିଲ୍ଲୀବାସୀଙ୍କୁ ୧୦ ବର୍ଷ ପାଇଁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଏହି ପ୍ରତିଶ୍ରୁତି ପୂରଣ କରିନଥିଲେ । କେଜ୍ରିୱାଲ ଦିଲ୍ଲୀକୁ ଦଳିତ ଉପମୁଖ୍ୟମନ୍ତ୍ରୀ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ଯେତେବେଳେ ସୁଯୋଗ ଆସିଲା, ସେ ତାହା କଲେ ନାହିଁ ।

## ପଦ୍ମ ପୁରସ୍କାର ଘୋଷଣା କଲେ କେନ୍ଦ୍ର ସରକାର

### କଳା, ସାହିତ୍ୟ ଓ ଚିକିତ୍ସା କ୍ଷେତ୍ରରେ ଅବଦାନ ପାଇଁ ଓଡ଼ିଶାରୁ ୪ ଜଣଙ୍କୁ 'ପଦ୍ମଶ୍ରୀ'



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫/୧ : ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ଏହି ତାଲିକାରେ କୁଏତର ଯୋଗ ପ୍ରଶିକ୍ଷକ ସାଇଖା ଏଜେ ଅଲ ସବା, ଆପଲ ସମ୍ରାଟ ହାରିମାନ ଏବଂ ବ୍ରାଜିଲର ବେଦାନ୍ତ ଗୁରୁ ଜୋନାସ ମାସେଟିଙ୍କ ସମେତ ଅନେକ ଅଜଣା ଏବଂ ଅନନ୍ୟ ପଦ୍ମ ପୁରସ୍କାର ବିଜେତା ରହିଛନ୍ତି । ଗର୍ଭାଶୟ କର୍କଟ ରୋଗ ଚିହ୍ନଟ, ନିରାକରଣ ଏବଂ ପରିଚାଳନାରେ ବିଶେଷଜ୍ଞ ଦିଲ୍ଲୀର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୀରଜା ଭଟଲାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ । ଭୋଜପୁରର ସମାଜସେବୀ ଭୀମ ସିଂ ଭବେଶଙ୍କୁ ଗତ ୨୨ ବର୍ଷ ଧରି ତାଙ୍କ ସଂଗଠନ 'ନାଇ ଆଶା' ଜରିଆରେ ସମାଜର ଅନ୍ୟତମ ଅବହେଳିତ ଗୋଷ୍ଠୀ ମୁସାହର ସମ୍ପ୍ରଦାୟର ଉନ୍ନତି ପାଇଁ ତାଙ୍କର ଅକ୍ଲାନ୍ତ ପରିଶ୍ରମ ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ । ସେହିପରି ପି ଦଚନମୂର୍ତ୍ତିଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ । ଦକ୍ଷିଣ ଭାରତୀୟ ସଙ୍ଗୀତ ଓ ସଂସ୍କୃତି ପାଇଁ ଗୁରୁତ୍ୱପୂର୍ଣ୍ଣ ଶାସ୍ତ୍ରୀୟ ବାଦ୍ୟଯନ୍ତ୍ର ଥାଭିଲରେ ବିଶେଷଜ୍ଞତା ହାସଲ କରିଥିବା ସେ ଜଣେ ବାଦ୍ୟବାଦକ, ଯାହାର ୫ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି । ସେଓ ସମ୍ରାଟ ହରିମନ ଶର୍ମା ପଦ୍ମଶ୍ରୀ ପାଇବେ । ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ମଧ୍ୟରୁ ଅନ୍ୟତମ । ସାଧାରଣତନ୍ତ୍ର ଦିବସ ଅବସରରେ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ପକ୍ଷରୁ ଶନିବାର ସନ୍ଧ୍ୟାରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି । କଳା, ସମାଜସେବା, ଚିକିତ୍ସା, ଶିକ୍ଷ, ସାହିତ୍ୟ, କ୍ରୀଡ଼ା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ୍ ୧୩୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାରତ ସରକାର ପଦ୍ମ ପୁରସ୍କାରରେ ସମ୍ମାନିତ କରିବେ । ଏହି ତାଲିକାରେ ଓଡ଼ିଶାର ୪ ଜଣ ଅଛନ୍ତି । ସେମାନେ ହେଲେ ଅଦ୍ୱୈତ ଚରଣ ଗଡ଼ନାୟକ, ଦୁର୍ଗାଚରଣ ରଣବୀର, ପ୍ରତିଭା ଶତପଥୀ ଓ ଡା. ଅଶୋକ କୁମାର ମହାପାତ୍ର ।

## ଭାରତ-ବାଂଲାଦେଶ ସୀମାରୁ ୧.୪ କୋଟି ଟଙ୍କାର କଫସିରଫ ଜବତ

ନୂଆଦିଲ୍ଲୀ, ୨୫/୧ : ସୀମା ସୁରକ୍ଷା ବଳ (ଈଝଋ) ଦକ୍ଷିଣ ବଙ୍ଗ ଫ୍ରଣ୍ଟିୟରର ୩୨ତମ ବାଟାଲିୟନ ଏକ ବଡ ଡ୍ରଗ୍ସ ଚୋରା ଚାଲାଣ ଉପରେ ଚଢ଼ାଉ କରିଛି । ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ଆନ୍ତର୍ଜାତୀୟ ସୀମାରେ ନଦୀୟା ଜିଲ୍ଲାର କିଶନଗଞ୍ଜ ଥାନା ଅଞ୍ଚଳ ଅନ୍ତର୍ଗତ ମାଝଡିଆର ନାଘାଟା ଅଞ୍ଚଳରେ ବିଏସଏଫ ଏକ ବଡ଼ ଅପରେସନ୍ କରିଥିଲା । ଏହି ଅଭିଯାନରେ, ୩ଟି ଭୂତଳ ସଂରକ୍ଷଣ ଟାଙ୍କିରୁ ୬୨୨୦୦ ବୋତଲ ଫେନସିଡିଲ ଜବତ କରାଯାଇଥିଲା । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧,୪୦,୫୮,୪୪୪ ଟଙ୍କା । ଏତେ ମାତ୍ରାରେ ଫେନସିଡିଲ୍ ଚୋରାଚାଲାଣ ରୋକି ଚାଲାଣକାରୀଙ୍କୁ ବିଏସଏଫ ଏକ ବଡ଼ ଝଟକା ଦେଇଛି । ଉଲ୍ଲେଖ ଥାଉ କି ଫେନସିଡିଲ ମୁଖ୍ୟତଃ ଏକ କଫ ସିରଫ, କିନ୍ତୁ ନିଶା ସେବନ ପାଇଁ ଏହାକୁ ବ୍ୟବହାର କରାଯାଏ । ମିଳିଥିବା ସୂଚନା ମୁତାବକ ଗୁଇନ୍ଦା ତଥ୍ୟ ଉପରେ ଆଧାର କରି, ବିଏସଏଫ (ଦକ୍ଷିଣ ବଙ୍ଗ ଫ୍ରଣ୍ଟିୟର)ର ୩୨ତମ ବାଟାଲିୟନ ପକ୍ଷରୁ ଯାଞ୍ଚ କରାଯାଇଥିଲା । ସନ୍ଧାନ ସମୟରେ, ସୈନିକମାନେ ତିନୋଟି ଭୂତଳ ସଂରକ୍ଷଣ ଟାଙ୍କି ପାଇଥିଲେ । ଏଗୁଡ଼ିକୁ ଖୋଲିବା ପରେ, ସେଗୁଡ଼ିକ ଭିତରୁ ଫେନସିଡିଲ୍ ବୋତଲ ଭର୍ତ୍ତି ବାକ୍ସଗୁଡ଼ିକ ଉଦ୍ଧାର କରାଯାଇଥିଲା । ସେମାନଙ୍କ ଭିତରୁ ୬୨୨୦୦ ବୋତଲ ଫେନସିଡିଲ୍ ମିଳିଥିଲା ।

## ବଢ଼ିଲା ବିଜେଡି ନେତା ପ୍ରତାପ ଜେନାଙ୍କ ଅଡୁଆ



ମାହାଙ୍ଗା , ୨୫/୧ (ନି.ପ୍ର): ମାହାଙ୍ଗା ଡବଲ୍ ମର୍ଡର ମାମଲାରେ ବଢ଼ିଲା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନାଙ୍କ ଅଡୁଆ । ଡବଲ୍ ମର୍ଡର ମାମଲାକୁ ବିଚାର ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି । ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନିମ୍ନ ଅଦାଲତରେ ସାକ୍ଷୀଙ୍କ ବୟାନ ରେକର୍ଡ କରି ସତ୍ୟପାଠ ଜରିଆରେ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି । ଏହି ମାମଲାରେ ମୃତକ କୁଳମଣି ବରାଳଙ୍କ ପୁଅ ରଞ୍ଜିତ ବରାଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାକୁ ବିଚାର କରିବା ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି । ଗତ ଅକ୍ଟୋବର ମାସରେ ମାହାଙ୍ଗା ଡବଲ ମର୍ଡର ମାମଲାରେ ପ୍ରତାପ ଜେନାଙ୍କୁ ମିଳିଥିଲା ଆଶ୍ୱସ୍ତି । ମାମଲାରେ ତାଙ୍କର ସଂପୃକ୍ତି ନଥିବା ଏକପ୍ରକାର ସ୍ପଷ୍ଟ ହୋଇଥିଲା । ସେ ତଦନ୍ତର ସମ୍ମୁଖୀନ ହେବା ନେଇ ନିମ୍ନ ଅଦାଲତ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାକୁ ରଦ୍ଦ କରିଥିଲେ ହାଇକୋର୍ଟ । ଗତ ୨୦୨୩, ୨୫ ସେପ୍ଟେମ୍ବରରେ ସାଲେପୁର ଔଗରଉ ନିର୍ଦ୍ଦେଶ ଦେଇଥିଲେ ମାହାଙ୍ଗା ଡବଲ ମର୍ଡର ଘଟଣାରେ ପ୍ରତାପ ତଦନ୍ତର ସମ୍ମୁଖୀନ ହେବେ । ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ପ୍ରତାପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆଦେଶର ପ୍ରାରମ୍ଭିକ ଶୁଣାଣି କରି ହାଇକୋର୍ଟ ଔଗରଉ ଅଦାଲତଙ୍କ ରାୟ ଉପରେ ରହିତାଦେଶ ଜାରି କରିଥିଲେ । ମଙ୍ଗଳବାର ପ୍ରତାପଙ୍କ ଆବେଦନର ଚୂଡ଼ାନ୍ତ ରାୟ ଆସିଥିଲା । ନିମ୍ନ ଅଦାଲତଙ୍କ ରାୟକୁ ହାଇକୋର୍ଟ ରଦ୍ଦ କଲା ପରେ ପ୍ରତାପ ଜେନାଙ୍କୁ କ୍ଲିନ ଚିଟ୍ ମିଳିବ ବୋଲି କୁହାଯାଉଥିଲା ।

## ଅଣଓଡ଼ିଆ ଠିକାଦାରଙ୍କ ଉପରେ ମୋହନଙ୍କ ଛାଟ: ଟେଣ୍ଡରକୁ ବାତିଲ କଲେ ମୋହନ ସରକାର



ଭୁବନେଶ୍ୱର, ୨୫/୧(ନି.ପ୍ର) : ବିଧାନସଭାରେ ହେଉକି ବିଧାନସଭା ବାହାରେ ହେଉ । ସବୁବେଳେ ଅଭିଯୋଗ ହୋଇଆସେ, ଓଡ଼ିଆ ଠିକାଦାରଙ୍କୁ ଅଣଦେଖା କରାଯାଉଛି ଆଉ ରାଜ୍ୟ ବାହାର ଠିକାଦାର ପୋଷାପୁଅ ସାଜିଛନ୍ତି । ହେଲେ, ସରକାର ବଦଳିବା ପରେ ଅଣ ଓଡିଆ ଠିକାଦାରଙ୍କ ପ୍ରତି ବଦଳିଛି ଆଭିମୁଖ୍ୟ । ସରକାରକୁ ଆସିବାର ୭ ମାସ ପରେ ଅଣ ଓଡ଼ିଆ ଠିକାଦାରଙ୍କ ଉପରେ ବାଜିଛି ମୋହନଙ୍କ ଛାଟ । ନବୀନ ସରକାର ସମୟରେ ହୋଇଥିବା ପ୍ରାୟ ସାଢେ ୩ ହଜାର କୋଟିର ୫ଟି ବୃହତ ଉଠା ଜଳସେଚନ ପ୍ରକଳ୍ପ ଟେଣ୍ଡରକୁ ବାତିଲ କରିଛନ୍ତି ମୋହନ ସରକାର । ଗତ ୨୧ ତାରିଖରେ ମେଗା ଲିଫ୍ଟର ଚିଫ ଇଂଜିନିୟରଙ୍କୁ ଚିଠି ଲେଖି ୫ଟି ପ୍ରକଳ୍ପର ଟେଣ୍ଡର ବାତିଲ କରିବାକୁ କୁହାଯାଇଛି । ନଜର ପକାନ୍ତୁ ଯେଉଁ ଅଣ ଓଡ଼ିଆ ଉଠା ଜଳସେଚନ ପ୍ରକଳ୍ପ ପାଇଥିଲେ, ତାହା ବି ସାଧାରଣ ନିର୍ବାଚନର ଅଢେଇ ମାସ ପୂର୍ବରୁ । ଏହିସବୁ ସଂସ୍ଥା ରାଜ୍ୟର ସମ୍ବଲପୁର, ବରଗଡ, ଝାରସୁଗୁଡା, ନୂଆପଡ଼ା, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା ଜିଲ୍ଲାରେ ୬୦ ହଜାରରୁ ଅଧିକ ହେକ୍ଟର ଚାଷ ଜମିକୁ ୩ ବର୍ଷ ଭିତରେ ଜଳସେଚନ କରିବାକୁ ଟେଣ୍ଡର ନେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
୪ ♣ ବାଲେଶ୍ୱର ♣ ରବିବାର, ୨୬ ଜାନୁଆରୀ ୨୦୨୫

## ଜନରାଜ୍ୟ ଦିବସ

### ସୁନନ୍ଦା ମହାନ୍ତି



ଗାନ୍ଧିଙ୍କ ସ୍ୱପ୍ନର ଭାରତ
ଜନରାଜ୍ୟ ଦିବସ ମହତ୍ତ୍ୱ
ଆମେ ସ୍ୱାଧୀନତା ପ୍ରାପ୍ତ
ଆବାଳବୃଦ୍ଧବନିତା ସମସ୍ତ

ଶାନ୍ତି ପ୍ରୀତି ମୈତ୍ରୀରେ ବିଶ୍ୱସ୍ତ
ତ୍ରିରଙ୍ଗା ଝଣ୍ଡା ନିଃସୃତ
ଆମ ଦେଶ ପୃଥିବୀରେ ଆଦୃତ
ପଶୁ ପକ୍ଷୀ ଏଠାରେ ନିଶ୍ଚିନ୍ତ
କୋଇଲି କୁହୁରେ ମହୁ ଶାଶ୍ୱତ



ନିୟମ ପ୍ରଣୟନ କରାୟତ
ଜନରାଜ୍ୟ ଦିବସ ମାର୍ମିକ ଶୁଶୃତ
ଭାରତମାତା ସନ୍ତାନ ଶୃଙ୍ଖଳିତ
ରଖିବା ପତାକା ମାନ ମହତ
ଭେଙ୍କୟା ପିଙ୍ଗଳଙ୍କ ହସ୍ତ ଅଙ୍କିତ

ଜାତୀୟ ପତାକା ରଙ୍ଗ ରୂପ ବିଦିତ
ପ୍ରଣାମ ଶତତ ପ୍ରଣାମ ଶତତ ଆଜିତ
ଜୟ ମୋ ଦେଶ ଭାରତ ଜୟ ଭାରତ
ଜାତୀୟ ପତାକା ତଳେ ହୋଇ ଏକତ୍ରିତ
ଶାନ୍ତି ପ୍ରୀତି ମୈତ୍ରୀ ଛାଇ ମୋ ଦେଶ ଭାରତ ।

ସାକ୍ଷୀଗୋପାଳ
ପୁରୀ
ମୋ: ୯୦୪୦୯୭୭୩୨୭

# ଆମ ଗଣତନ୍ତ୍ରର ଭବିଷ୍ୟତ

### ରମେଶ ଚନ୍ଦ୍ର ନାୟକ



ବିଶ୍ୱରେ ବିଶାଳ ଗଣତନ୍ତ୍ରର ଦେଶ ହିଁ ଭାରତବର୍ଷ। ବିଭିନ୍ନ ଭାଷା, ଧର୍ମ, ସଂସ୍କୃତିର ମିଳନ ପୀଠ ଭାରତ। ବହୁ ବୈସାଦୃଶ୍ୟ ମଧ୍ୟରେ ସାଦୃଶ୍ୟ, ଅନେକ ମଧ୍ୟରେ ଐକ୍ୟ ଏହାର ଆଦର୍ଶ। ରୁଚି, ଆଚାର, ଚାଲିଚଳନ, ପୋଷାକ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନତା ରହିଥିଲେ ହେଁ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ଯାହା ବାନ୍ଧି ରଖି ପାରିଛି ତାହା ହେଉଛି ଭାରତବର୍ଷର ଭାତୃଭାବ ଓ ମହାନ୍ ପରମ୍ପରା। ସମୟକ୍ରମେ ବୈଦେଶିକ ଆକ୍ରମଣରେ ଦେଶ ଖଣ୍ଡବିଖଣ୍ଡିତ ହୋଇଛି। ତା'ର ଐତିହ୍ୟ ଓ ସଂସ୍କୃତିକୁ ପରିବର୍ତ୍ତନ କରିବା ନିମିତ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବୈଦିକ ଓ ତପୋବନର ଆଦର୍ଶକୁ ଭୂଲୁଣ୍ଠିତ କରିବାର ପ୍ରୟାସ ହୋଇଛି, ମାତ୍ର ଭାରତର ମହାନୁଭବତା ନିକଟରେ ସବୁକିଛି ପରାଜୟ ସ୍ୱୀକାର କରିଛି। ଆଫଗାନ, ମୋଗଲ, ଇଂରେଜ-- ପ୍ରତ୍ୟେକ ଚାହିଁଛନ୍ତି ଏହାର ପରମ୍ପରା ଓ ସଂସ୍କୃତିକୁ ବିପଥଗାମୀ କରିବାକୁ। ସର୍ବଶେଷରେ ଭାରତୀୟମାନଙ୍କର ଦୁର୍ବଳତା ଓ ସଂକୀର୍ଣ୍ଣ ସ୍ୱାର୍ଥର ସୁଯୋଗ ନେଇ ଇଂରେଜ ଜାତି ଭାରତକୁ ଖଣ୍ଡବିଖଣ୍ଡିତ କରିଛନ୍ତି। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଲାଭ ପରେ ଖଣ୍ଡିତ ଭାରତ ପରିଣତ ହେଲା ବିଶାଳ ଗଣତନ୍ତ୍ର ରାଷ୍ଟ୍ରରେ, ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ। ମାତ୍ର ଭାରତର ସାମ୍ପ୍ରତିକ ଅବସ୍ଥା ପ୍ରତି ଦୃଷ୍ଟିଦେଲେ କ୍ଷୋଭ ଓ ଅନୁଶୋଚନାରେ ମଥାନତ ହୋଇଯାଏ। ପ୍ରଶ୍ନ ଉଠେ, ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆମେ ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିପାରୁଛେ କି ? ଆମେ ବାସ୍ତବରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବସବାସ କରୁଛେ କି ? ଏହି ବିଶାଳ ଗଣତନ୍ତ୍ର ରାଷ୍ଟ୍ରର ଭବିଷ୍ୟତ କ'ଣ ହେବ, ସେ ସମ୍ପର୍କରେ ଆମେ ସାମାନ୍ୟ ମାତ୍ର ସଚେତନ କି ? ବହୁ ସନ୍ଦେହର କୁହେଳିକା ମଧ୍ୟରେ ଭାରତବର୍ଷର ଗଣତନ୍ତ୍ର ବର୍ତ୍ତମାନ ବିପନ୍ନ ଅବସ୍ଥାରେ। ଏଥିପାଇଁ କିଏ ଦାୟୀ-- ତାହା ବଡ଼ ପ୍ରଶ୍ନ ନୁହେଁ, ମାତ୍ର ସେହି ଗଣତନ୍ତ୍ରର କିପରି ସୁରକ୍ଷା କରାଯାଇପାରିବ, ତାହାହିଁ ଆମ ନିକଟରେ ଆଜି ସବୁଠାରୁ ବଡ଼ ସମସ୍ୟା।

ସାମ୍ପ୍ରତିକ କାଳରେ ଶକ୍ତିଶାଳୀ ବିରୋଧୀଦଳର ଅଭାବ, ଆଞ୍ଚଳିକ ଦଳର ଅଭ୍ୟୁଦୟ, ଦଙ୍ଗା, ଅର୍ଥଶକ୍ତି, ରାଜନୈତିକ ଦୃଷ୍ଟିଭଙ୍ଗୀର ଅଭାବ ଓ ଅପରାଧୀ ବ୍ୟକ୍ତିଙ୍କର ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ, ସର୍ବୋପରି ଶୋଷଣ ଏବଂ ଦୁର୍ନୀତି ଭାରତୀୟ ଗଣତନ୍ତ୍ରକୁ ବିପର୍ଯ୍ୟସ୍ତ କରିଦେଇଛି। ସେହି କାରଣରୁ ଏହାର ଭବିଷ୍ୟତ ସଂଶୟାଚ୍ଛନ୍ନ ହୋଇପଡ଼ିବା ସଙ୍ଗେ ସଙ୍ଗେ 'ଗଣ'ର ସ୍ୱାର୍ଥ ଅପେକ୍ଷା 'ଜଣ'ର ସ୍ୱାର୍ଥ ଅଧିକ ଗୁରୁତ୍ୱ ଲାଭ କରିଛି। ଅତୀତରେ ଭାରତୀୟ ସାମାଜିକ ବ୍ୟବସ୍ଥା ମୁଖ୍ୟତଃ ଭାତୃତ୍ୱ ଓ ସୌହାର୍ଦ୍ଦ୍ୟ ଉପରେ ପ୍ରତିଷ୍ଠିତ ଥିଲା। ବର୍ତ୍ତମାନ ଏହି ଶବ୍ଦଗୁଡିକ କେବଳ ଅଭିଧାନର କଳେବର ମଣ୍ଡନ କରିଛି। ନାରୀମାନଙ୍କ ପ୍ରତି ଭୋଗବାଦୀ ଦୃଷ୍ଟିଭଙ୍ଗୀ, ଧର୍ଷଣ, ଦୁର୍ନୀତି ଆଦି ସମାଜକୁ କଳୁଷିତ କରୁଛି।ନୈତିକତାର ଅଭାବ ଯୋଗୁଁ ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ସମାଜରେ ପ୍ରତିଷ୍ଠା ଅର୍ଜନ କରୁଛନ୍ତି। ରାଜନୈତିକ ପ୍ରୋତ୍ସାହନ ଯୋଗୁଁ ଦିନକୁ ଦିନ ଏମାନେ ସମାଜର ସମସ୍ତ ନୀତି ନିୟମକୁ ପଦାଘାତ କରିଚାଲିଛନ୍ତି। ଭଣ୍ଡାମି, ଗୁଣ୍ଡାମି, ଅତ୍ୟାଚାର ଓ ଶୋଷଣ ସାମାଜିକ ବିଧି ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି। ମାତ୍ର ସାମ୍ପ୍ରତିକ ଭାରତର ଗଣତନ୍ତ୍ରର ପୋଷାକ ତଳେ ରାଜତନ୍ତ୍ରର ଆଧିପତ୍ୟ ଚାଲିଛି। ସାମାଜିକ ଜୀବନର ଚଳଚଞ୍ଚଳତାର ଅବସାନ ଘଟିଥିବାରୁ ସ୍ଥାଣୁତ୍ୱର ରାଜତ୍ୱ ଆରମ୍ଭ ହୋଇଛି। ଭାରତୀୟ ଗଣତନ୍ତ୍ର ପାଇଁ ଏପରି ସ୍ଥିତି ଆଦୌ ଶୁଭପ୍ରଦ ନୁହେଁ।



ଅତୀତରେ ରାଜନୀତିକ ନେତାଗଣ ଆଦର୍ଶ ପାଇଁ ନିର୍ବାଚନ ଲଢୁଥିଲେ। ବର୍ତ୍ତମାନ ବ୍ୟକ୍ତିଗତ ସ୍ୱାର୍ଥ ବା ଦଳୀୟ ସ୍ୱାର୍ଥ ପାଇଁ ନେତାଗଣ ନିର୍ବାଚନ ଲଢୁଛନ୍ତି। ଆଦର୍ଶ ଓ ନୈତିକତା ରାଜନୀତିରୁ ଅନ୍ତର୍ହିତ ହୋଇଯାଇଛି। ବ୍ୟକ୍ତି ସ୍ୱାର୍ଥ ଓ କ୍ଷମତାର ମୋହ ଅଧିକ ଉଗ୍ର ହୋଇଉଠିଛି। ଭାରତ ଏକ ସଭ୍ୟ ଓ ସଂସ୍କୃତିସମ୍ପନ୍ନ ଦେଶ। ଅନ୍ୟ ଦେଶରେ ଏହାର ଗୋଟିଏ ସ୍ୱତନ୍ତ୍ର ମର୍ଯ୍ୟାଦା ଓ ସମ୍ମାନ ରହିଛି। ମାତ୍ର ଆଜିର କଳୁଷିତ ରାଜନୀତି ତା'ର ସମସ୍ତ ମର୍ଯ୍ୟାଦାକୁ ଭୂଲୁଣ୍ଠିତ କରୁଛି। ଏ କ୍ଷେତ୍ରରେ ଜନସାଧାରଣ ବିଶେଷ ଭାବରେ ସଚେତନ ହେବା ଆବଶ୍ୟକ। ଆମର ନୈତିକ ମୂଲ୍ୟବୋଧରେ ପରିବର୍ତ୍ତନ ଏହି ଗଣତନ୍ତ୍ରର ପୁନରାୟ ଅନ୍ୟ କିଛିରେ ପରିବର୍ତ୍ତନ ହୋଇଯିବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ। ଭାରତୀତାର ମର୍ଯ୍ୟାଦା ନେଇ ବଞ୍ଚିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସମ୍ମାନର ବିଷୟ। ତେଣୁ ଏ ଦେଶର ରାଜନୈତିକ ଦଳ ତଥା ବ୍ୟକ୍ତିବିଶେଷ ଆଗାମୀ ଦିନରେ ଭାରତର ଗଣତନ୍ତ୍ରର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବା ନିମନ୍ତେ ଏକ ସୁସ୍ଥ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି କରିପାରିଲେ, ଏହାର ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳମୟ ହେବ। ତ୍ୟାଗ, ତିତିକ୍ଷା ଓ ଆତ୍ମୋତ୍ସର୍ଗ ଦ୍ୱାରା ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ସମସ୍ତ ଭାରତୀୟ ଶପଥ ନେବା ଉଚିତ।

ଝଅଝଅଝଅଝ

କେଶରପୁର,
ବକ୍ସି ବଜାକର, କଟକ
ମୋ :- ୭୯୭୮୧୫୧୭୧୦

# ସାର୍ବଭୌମ ଗଣତାନ୍ତ୍ରିକ ଦେଶ ଭାରତ ଓ ତାର ଗଣତନ୍ତ୍ର ଦିବସ'

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଆମ ଦେଶ ଭାରତ ସ୍ୱାଧୀନତା ପାଇବାର ପ୍ରାୟ ଅଢେଇ ବର୍ଷ ପରେ ନିଜ ସମ୍ବିଧାନ ପ୍ରଣୟନ କରିବାରେ ସକ୍ଷମ ହୋଇଥିଲା । ପ୍ରାୟ ୨ ବର୍ଷ ୧୧ ମାସ ଏବଂ ୧୮ ଦିନ ପରେ ୧୯୫୦ ମସିହା ଜାନୁଆରୀ ୨୬ରେ ସଂସଦରେ ଭାରତୀୟ ସମ୍ବିଧାନ ଅନୁମୋଦନ ଲାଗି କରିଥିଲା। ପରେ ଭାରତ ଗଣତାନ୍ତ୍ରିକ ଗଣରାଜ୍ୟ ଭାବରେ ନିଜକୁ ଘୋଷଣା କରିଥିଲା। ଆମ ଦେଶ ଇଂରେଜ ଶାସନରୁ ମୁକ୍ତ ହୋଇ ସ୍ୱାଧିନତା ପ୍ରାପ୍ତ ହୋଇଥିଲା ସତ; ମାତ୍ର ଦେଶ ଶାସନ ପାଇଁ କୌଣସି ନୀତି ନିୟମ ପ୍ରଣୟନ ହୋଇନଥିଲା କି ସମ୍ବିଧାନ ନଥିଲା । ୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖରେ ଆମ ଦେଶ ଭାରତବର୍ଷ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ପରିଚିତ ହେଲା । ଭାରତର ସ୍ୱାଧୀନତା ପ୍ରାପ୍ତିପରେ ରାଷ୍ଟ୍ରନାୟକ ଡଃ. ଆମ୍ବେଦକର ସ୍ୱାଧୀନ ରାଷ୍ଟ୍ରକୁ କେତେକ ନୀତି ନିୟମରେ ଚଳାଇବା ନିମନ୍ତେ ସମ୍ବିଧାନ ପ୍ରଣୟନ କରିଥିଲେ । ସେହି ପ୍ରଣିତ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଗୃହୀତ ହୋଇ କାର୍ଯ୍ୟକାରୀ କରାଯାଇଥିଲା । ସେହିଦିନଠାରୁ ଭାରତ ଏକ ସାର୍ଭବୌମ ଗଣତନ୍ତ୍ର ରାଷ୍ଟ୍ରରୂପେ ପରିଚିତ ହେଲା । ଏହି ଦିବସର ସ୍ମାରକୀ ସ୍ୱରୂପ ସେହିଦିନଠାରୁ ଅଦ୍ୟାବଧି ପ୍ରତ୍ୟେକ ବର୍ଷ ଏକ ଜାତୀୟ ଦିବସ ରୂପେ ପାଳିତ ହୋଇଆସୁଛି । ଏହି ପବିତ୍ର ଦିବସରେ ଦେଶବାସୀ ଜାତୀୟ ପତାକା ତଳେ ଦେଶ ଓ ଜାତିର ଉନ୍ନତି କଳ୍ପେ ଶପଥ ଗ୍ରହଣ କରିଥାନ୍ତି । ଏହି ପବିତ୍ର ସାଧାରଣତନ୍ତ୍ର ଦିବସରେ ଆମେ ସବୁ ଭାରତୀୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକତ୍ରିତ ହୋଇ ଦେଶ ଓ ଜାତି ଉଦ୍ଦେଶ୍ୟରେ ଶପଥ ଗ୍ରହଣ କରି ଜାତୀୟ ପ୍ରେମରେ ଉଦ୍ ?ବୁଦ୍ଧ ହୋଇଥାଉ । ଦେଶର ପ୍ରଗତି ଓ ଜନସାଧାରଣଙ୍କ ଉନ୍ନତି କଳ୍ପେ ସମୀକ୍ଷା କରିବାକୁ ଏହି ଦିବସ ସୁଯୋଗ ଦେଇଥାଏ। ଏହି ଦିବସରେ ରାଷ୍ଟ୍ରନାୟକମାନେ ଭବିଷ୍ୟତ ପାଇଁ ଦେଶର ଉନ୍ନତିକଳ୍ପେ ଯୋଜନା ପ୍ରସ୍ତୁତ କରିଥାନ୍ତି । ବିଭିନ୍ନ ରାଜନୈତିକ ସଭାମାନଙ୍କରେ ଅତୀତ କାର୍ଯ୍ୟର ସମୀକ୍ଷା କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥାଏ । ସାଧାରଣତନ୍ତ୍ର ଦିବସ ଏକ ମହାନ୍ ରାଷ୍ଟ୍ରୀୟ ପର୍ବ ଭାବରେ ପରିଗଣିତ ହୋଇପାରିଛି । ଭାରତର ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ସମସ୍ତ ଆବାଳ ବୃଦ୍ଧବନିତା ଏହି ଉତ୍ସବକୁ ଶ୍ରଦ୍ଧା ସହକାରେ ପାଳନ କରନ୍ତି । ବିଶେଷ ଭାବେ ରାଜଧାନୀ ଦିଲ୍ଲୀରେ ଏହା ମହାସମାରୋହରେ ପାଳନ କରାଯାଏ । ଦିଲ୍ଲୀର ଲାଲକିଲ୍ଲାଠାରେ ରାଷ୍ଟ୍ରପତି ଅଭିବାଦନ ଗ୍ରହଣ କରି ସଭାମଞ୍ଚ ଉପରେ ଅବସ୍ଥାନ କରିଥାନ୍ତି । ଇଣ୍ଡିଆ ଗେଟ୍ ?ଠାରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଏକ ସୁସଜ୍ଜିତ ଗାଡ଼ିରେ ରାଷ୍ଟ୍ରପତିଙ୍କୁ ଶୋଭାଯାତ୍ରାରେ ନିଆଯାଏ । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ୍ ଓ ସୈନ୍ୟବାହିନୀ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ ।




ଏହି ମହାନ ରାଷ୍ଟ୍ରୀୟ ପର୍ବକୁ ବହୁ ଆଡମ୍ବର ସହକାରେ ପାଳନ କରାଯାଏ। ରାଜଧାନୀ ଦିଲ୍ଲୀର ଇଣ୍ଡିଆଗେଟଠାରେ ମହାସମାରୋହରେ ଏହା ଅନୁଷ୍ଠିତ ହୁଏ। ଏହି ଉତ୍ସବରେ ରାଷ୍ଟ୍ରପତିଙ୍କୁ ଅଭିବାଦନ ପ୍ରଦାନ କରାଯାଏ । ଜଳ, ସ୍ଥଳ ଓ ବାୟୁସେନା ମୁଖ୍ୟଙ୍କ ଠାରୁ ରାଷ୍ଟ୍ରପତିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଏ । ଏହି ଉତ୍ସବକୁ ମନଭରି ଉପଭୋଗ କରିବା ପାଇଁ ଦିଲ୍ଲୀ ତଥା ଭାରତର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଜନତା ଆସି ଇଣ୍ଡିଆଗେଟଠାରେ ସମବେତ ହୁଅନ୍ତି ।ଶାନ୍ତି ଶୃଙ୍ଖଳାର ସହିତ ଏହି ପର୍ବଟିକୁ ପାଳନ କରାଯାଇଥାଏ । ପ୍ରାୟ ସକାଳେ ନିର୍ଦ୍ଧାରିତ ସମୟରେ ରାଷ୍ଟ୍ରପତି ଏକ ସୁସଜ୍ଜିତ ଗାଡିରେ ଆସି ମଞ୍ଚ ନିକଟରେ ଉପସ୍ଥିତ ହୁଅନ୍ତି। ଅଶ୍ୱାରୋହୀ ଦେହରକ୍ଷୀମାନେ ତାଙ୍କର ଉଭୟ ପାର୍ଶ୍ୱରେ ଥାଆନ୍ତି। ଅଭିବାହନ ମଞ୍ଚର ପାର୍ଶ୍ୱରେ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ, ଆମ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଉଚ୍ଚପଦାଧିକାରୀମାନେ ଉପସ୍ଥିତ ଥାଆନ୍ତି। ରାଷ୍ଟ୍ରପତିଙ୍କୁ ପ୍ରଥମେ ପ୍ରଧାନମନ୍ତ୍ରୀ ସ୍ୱାଗତ ଜଣାଇ ମଞ୍ଚ ନିକଟକୁ ନିଅନ୍ତି। ଠିକ୍ ସେହି ସମୟରେ ୨୧ ଥର ତୋପ ସଲାମି ଦିଆଯାଏ। ସୈନିକମାନେ ବାଦ୍ୟଧ୍ୱନି ପରିବେଷଣ କରନ୍ତି। ଏହାପରେ ରାଷ୍ଟ୍ରପତି ରାଷ୍ଟ୍ରବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରନ୍ତି। ତତ୍ପରେ ଦେଶପାଇଁ ବିଭିନ୍ନ ସମୟରେ ପ୍ରାଣବଳୀ ଦେଇଥିବା ସୈନିକମାନଙ୍କୁ ଏଠାରେ ଉପାଧି ଓ ଫଳକ ପ୍ରଦାନ କରନ୍ତି। ଜଳ, ସ୍ଥଳ ଓ ଆକାଶବାହିନୀର ସୈନିକମାନଙ୍କ ତରଫରୁ ଚିତ୍ତାକର୍ଷକ ପ୍ୟାରେଡ଼ ପ୍ରଦର୍ଶନ କରାଯାଇଥାଏ । ସୈନିକମାନେ ଘୋଡା, ହାତୀ, ଓଟ ଉପରେ ରଙ୍ଗ ବେରଙ୍ଗର ପୋଷାକ ପରିଧାନ କରି ରାଷ୍ଟ୍ରପତିଙ୍କୁ ଅଭିବାଦନ ପ୍ରଦାନ କରନ୍ତି। ଏହାପରେ ଇଣ୍ଡିଆଗେଟଠାରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଦୀର୍ଘ ବାର କିଲୋମିଟର ପଥରେ ବିଭିନ୍ନ ରାଜ୍ୟରୁ ଆସିଥିବା ନର୍ତ୍ତକ ନର୍ତ୍ତକୀମାନଙ୍କ ଦ୍ୱାରା ଲୋକନୃତ୍ୟ ପ୍ରଦର୍ଶନ କରାଯାଏ। ଖୋଲା ମଟରଗାଡିରେ ନର୍ତ୍ତକ ନର୍ତ୍ତକୀମାନେ ସେମାନଙ୍କ ରାଜ୍ୟର ପାରମ୍ପାରିକ କଳାକୃତି ପ୍ରଦର୍ଶନ କରନ୍ତି। ଶେଷରେ ବାୟୁସେନାର ସୈନିକମାନେ ସ୍ୱତନ୍ତ୍ର ହେଲିକେପ୍ଟରରେ ଆକାଶମାର୍ଗରୁ ତଳକୁ ଆସି ରାଷ୍ଟ୍ରପତିଙ୍କୁ ଅଭିବାଦନ ଜଣାଇବା ପରେ ଉତ୍ସବ ସମାପନ ହୁଏ।

ଭାରତର ରାଜଧାନୀ ନୂଆଦିଲ୍ଲୀରେ ଗଣତନ୍ତ୍ର ଦିବସ ସମାରୋହ ପାଇଁ ଏକ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହି ସମାରୋହରେ ବିଭିନ୍ନ ରାଜ୍ୟର ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳେ।ପରେ ଜଳ, ସ୍ଥଳ ଓ ବାୟୁ ସେନାର ଯବାନମାନଙ୍କ ପ୍ୟାରେଡ ଏବଂ ବିଭିନ୍ନ ଦୁଃସାହାସିକ କୌଶଳ ପ୍ରଦର୍ଶନ କରାଯାଇଥାଏ । ଗଣତନ୍ତ୍ର ଦିବସର ୩ ଦିନ ପରେ ଜାନୁଆରୀ ୨୯ରେ ଜାତୀୟ ପତାକା ଅବତରଣ ଉତ୍ସବ ଅନୁଷ୍ଠିତ ହୋଇଥାଏ ।ଚଳିତ ବର୍ଷ ବଦଳିବ ଗଣତନ୍ତ୍ର ଦିବସ ପରମ୍ପରା୧୯୭୩ ମହିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଇଣ୍ଡିଆଗେଟ ସ୍ଥିତ 'ଅମର ଯବାନ ଜ୍ୟୋତି'ଠାରେ ସହିଦ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବା ପରମ୍ପରା ଆରମ୍ଭ କରିଥିଲେ। ଯାହା ଗତବର୍ଷ ପର୍ଯ୍ୟନ୍ତ ଚାଲୁଥିଲା। 'ଅମର ଯୱାନ ଜ୍ୟୋତି'ଠାରେ ୧୯୭୧ ପାକିସ୍ତାନ ସହ ଯୁଦ୍ଧରେ ସହିଦ ଯୱାନଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ୨୦୨୦ ଗଣତନ୍ତ୍ର ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପରମ୍ପରା ଭାଙ୍ଗି ଗତବର୍ଷ ନିର୍ମାଣ କରାଯାଇଥିବା ଜାତୀୟ ଯୁଦ୍ଧ ସ୍ମାରକୀ ଯାଇ ସେଠାରେ ଅମର ଯୱାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବେ ବୋଲି ସୂଚନା ରହିଛି। ତେବେ ସେହି ମୁହୂର୍ତ୍ତକୁ ଅପେକ୍ଷା କରି ରହିଥାଏ ସାରା ଦେଶ। ପ୍ରତ୍ୟେକ ଦେଶପରି ଆମ ଦେଶରେ ଗୋଟିଏ ସମ୍ବିଧାନ ରହିଛି । ସେହି ସମ୍ବିଧାନକୁ ମାନି ଚଳିବା ପାଇଁ ଦେଶବାସୀ ଏହି ଦିବସରେ ସଂକଳ୍ପବଦ୍ଧ ହୁଅନ୍ତି । ସାଧାରଣତନ୍ତ୍ର ଦିବସ ଭାରତର ଏକ ଜାତୀୟ ଦିବସ ରୂପେ ପରିପାଳିତ ହେଉଛି । ଏହା ଦେଶବାସୀଙ୍କର ଆତ୍ମସମୀକ୍ଷା ଓ ସଂକଳ୍ପ ଦିବସ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏପରିପ୍ରେକ୍ଷୀରେ ବ୍ୟକ୍ତି ବିଶେଷ ଦେଶର ଜାତୀୟ ସଂହତି ଅକ୍ଷୁଣ୍ଣ ରଖିବାକୁ ସଦାଚେଷ୍ଟିତ ହୋଇଥାଆନ୍ତି । ଦେଶର ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଦୁର୍ନୀତିକୁ ଦେଶରୁ ସମୂଳେ ନଷ୍ଟ କରିବା ନିମନ୍ତେ ସମସ୍ତେ ଆଗେଇ ଆସିବା ଉଚିତ । ଦେଶରୁ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ନିମନ୍ତେ ସମସ୍ତ ନାଗରିକ ପ୍ରତିଜ୍ଞାବଦ୍ଧ ହେବା ଉଚିତ । ଦେଶରୁ ଦୋଷ ଦୁର୍ବଳତାକୁ ପ୍ରତିହତ କରି ଦେଶକୁ ଉନ୍ନତି ପଥରେ ଆଗେଇ ନେବା ପାଇଁ ସମସ୍ତେ କାର୍ଯ୍ୟ କରିବା ଉଚିତ । ବ୍ୟକ୍ତିର ଉନ୍ନତି ସହିତ ଦେଶର ଉନ୍ନତି ଦେଖିବା ପ୍ରତ୍ୟେକ ନାଗରିକର ଧେୟ ହେବା ଉଚିତ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬



## ଜନରାଜ୍ୟ ଦିବସେ

### ନିରଞ୍ଜନ ସାହୁ

ଗଣତନ୍ତ୍ର ଅବା ସାଧାରଣତନ୍ତ୍ର
କିମ୍ବା ଜନରାଜ୍ୟ କୁହ
ଦିବସ ପାଳନେ କର୍ତ୍ତବ୍ୟ ନ ସାରି
ଦେଶ ବୋଝ ମୁଣ୍ଡେ ବୁହ ।

ଦେଶର ଦାୟିତ୍ୱ ନେବାକୁ ପଡ଼ିବ
ସେଥିପାଇଁ କର କର୍ମ
ଦେଶସେବା ହେଉ ଜୀବନର ବ୍ରତ
ପାଳିକି ଆପଣା ଧର୍ମ
ଦେଶର ସୁଖରେ ମେଦିନୀ କମ୍ପାଅ
ଦେଶ ଦୁଃଖେ ଝରା ଲୁହ ।

କର୍ତ୍ତବ୍ୟ କରିକି ଅଧିକାର ମାଗ
ଦେଶଦ୍ରୋହ କର ନାହିଁ
ବହୁ କଷ୍ଟଲବ୍ଧ ସ୍ୱାଧୀନତା ଗଲେ
ଆଉ ବା ମିଳିବ କାହିଁ
ସମ୍ବିଧାନ ମାନି ଚଳିବା ସଭିଏଁ
ଆଇନ ମାନିକି ରୁହ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ସାଧାରଣତନ୍ତ୍ର ଦିବସ

### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ



ଆଜି ମୋ ଦେଶ ଭାରତବର୍ଷ
ପାଳୁଛି ସାଧାରଣତନ୍ତ୍ର ଦିବସ...
ଜନ-ଗଣ-ମନରେ ମହକୁଛି ଶାଶ୍ୱତ ଦେଶଭକ୍ତିର ଭାବ,
ତଥାପି ଅସ୍ତ ହୋଇନି ନିର୍ଯ୍ୟାତନାର/
ଅନ୍ତ ହୋଇନି ପରାଧୀନତାର...
ସମାପ୍ତ ହୋଇନି ଶୋଷଣ,କଷଣ,ମାରଣ ଆଉ
ଅପହରଣର ବିଷାକ୍ତ ପ୍ରଭାବ,
ଏଠି,ସେଠି,ସବୁଠି ଉଡୁଛି ଧର୍ଷଣର ଧ୍ୱଜା...
ବାଜୁଛି ନୀତିହୀନ ନେତାଙ୍କ ଦୁର୍ନୀତିର ବାଜା...
ପ୍ରତି ମୁହୂର୍ତ୍ତରେ ପ୍ରତିହିଂସାର ଖଡ୍ଗ ଆଘାତରେ
ରକ୍ତ ରଞ୍ଜିତ ହେଉଛି ମୋ ବୀର ପ୍ରସବିନୀ
ଜନନୀର ପଣତକାନି...
ଆଉ ଜଳଜଳ ହୋଇ ଦିଶିଯାଉଛି
ସବୁଠି ମାନବିକତାର ଅଭାବ...
ଆସୁରିକତାରେ କୁହୁଳୁଛି
ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତା ଭାବୁଥିବା
ମଣିଷ ମାନଙ୍କ ସ୍ୱଭାବ,
ନିଶା ସହ ସମ ତାଳରେ ବଢ଼ି ଚାଲିଛି ବେଶ୍ୟାବୃତ୍ତି
ସ୍ୱସ୍ୱାର୍ଥ ପୂରଣ ପାଇଁ
ସବୁଠି କାୟା ବିସ୍ତାରିଛି ଜାଲିଆତି,
ଘୋଟକ ଗତିରେ ଧାଇଁଛି ଘୋଟାଲା...
ସତ୍ୟ,ଅହିଂସାର ମନ୍ଦିରରେ ଝୁଲୁଛି ତାଲା-
କ୍ଷମତା ହାତେଇବାକୁ ଚାଇଛି
ଯେତେ ସବୁ ପ୍ରହସନ ଆଉ ପାଲା,
ଗଣଙ୍କର,ଗଣଙ୍କ ଦ୍ୱାରା,ଗଣଙ୍କ ପାଇଁ ଜନ୍ମିଥିବା ଗଣତନ୍ତ୍ର
ଘୋଷେ ଏବେ ଶୋଷଣର ମନ୍ତ୍ର...
ଅସହ୍ୟ ଯନ୍ତ୍ରଣାର ମଞ୍ଜି ବୁଣିଦିଏ
ଯେତେ ସବୁ ଅତ୍ୟାଧୁନିକ ଯନ୍ତ୍ର...
ଏବେ କାହାରି ସ୍ୱପ୍ନରେ ମଧ୍ୟ ଉଭା ହେଉନି
ବାପୁଜୀଙ୍କ ରାମରାଜ୍ୟ...
ଶୁଭୁନି ଆଉ 'କର ଅବା ମର'ର ଡ଼ାକରା...
ନେତାଜୀଙ୍କ ପରି ମାଗୁ ନାହାଁନ୍ତି କେହି ରକ୍ତ...
ଆମେ ପାଳୁଥିବା ଆଜିର ଏ ପବିତ୍ର ଦିବସ
ନହୋଇ ପ୍ରଚାର ସର୍ବସ୍ୱ
ଶେଷ କରୁ ଅବହେଳିତ ଜନଗଣଙ୍କ ଅବସୋସ...
ନୀଳକଣ୍ଠ ସାଜି ପାନକରୁ
ମୋ ମହାନ ଦେଶର
ସବୁ ଅପକୀର୍ତ୍ତି ଆଉ ଅପଯଶ ।
ଝଅଝ

+ କଣ୍ଟାବଣିଆ,ଛତ୍ରପଡ଼ା,ପ୍ରୀତିପୁର, ଯାଜପୁର, ଓଡ଼ିଶା
ପିନ-୭୫୫୦୧୩/
ମୋ: ୮୫୯୪୮୮୫୮୯୮

## ଜୟ ଭାରତ ମାତାର ଜୟ

### ହରେରାମ ପଣ୍ଡା



ଉଇଁ ଆସିଲାଣି ନୂତନ ସୂରୁଜ
ନୂଆ ସକାଳର ବାରତା ନେଇ,
ସାରା ଦେଶ ଆଜି ଉତ୍ସବ ମୁଖର
ସାଧାରଣତନ୍ତ୍ର ଦିବସ ପାଇଁ ।
ଫର ଫର ଉଡ଼େ ତ୍ରିରଙ୍ଗା ପତାକା
ସତ୍ୟ ଅହିଂସାର ସନ୍ଦେଶ ଦିଏ,
ଜନଗଣ ମନ ଅମୃତ ଝଙ୍କାର
କୋଟି କୋଟି ଜନ ମନକୁ ଛୁଏଁ ।
ଆମେରେ ଦେଶର ଅମୃତ ସନ୍ତାନ
ଦେଶ ଭବିଷ୍ୟତ ଆମ ହାତରେ,
ଆମ ସମ୍ବିଧାନ ଆମ ପରିଚୟ
ଯାହାର ତୁଳନା ନାହିଁ ବିଶ୍ୱରେ ।
ଅଖଣ୍ଡ ଭାରତ, ସଶକ୍ତ ଭାରତ,
ଗଢ଼ିବାକୁ ଆମେ ଶପଥ ନେବା,
ଆପଣା ଭିତରେ ଭେଦଭାବ ଭୁଲି
ଦେଶ ପାଇଁ ପଛେ ଜୀବନ ଦେବା ।
ରହିବନି ଭୋକ, ବେକାରୀ, ଦାଦନ,
ଶୋଷଣ, ଲୁଣ୍ଠନ, କଷଣ, ଭୟ,
ଗୁଞ୍ଜରିତ ହେବ ଆମରି କଣ୍ଠରେ
ଜୟ ଭାରତ ମାତାର ଜୟ ।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ,
ଯାଜପୁର ।
ମୋ:୯୪୩୮୦୬୫୧୯୫

# କୁମ୍ଭସ୍ନାନରେ ନେତ୍ରସ୍ନାନ : ଦୋଷ କାହାର ?



## ଡ. କାଳୀପଦ ପଣ୍ଡା

ଆର୍ଯ୍ୟାବର୍ତ୍ତ ଭାରତର ସବୁଠୁ ପୁଣ୍ୟ ତୀର୍ଥକ୍ଷେତ୍ର ଭାବେ ବିଶ୍ୱରେ ବିଦିତ ପ୍ରୟଗରାଜ। ସେଠାରେ ଦୀର୍ଘବର୍ଷ ବ୍ୟବଧାନରେ ଯୋଗ ପଡ଼ିଲେ କୁମ୍ଭମେଳା ଅନୁଷ୍ଠିତ ହୁଏ। ଆଧାତ୍ମିକ ବାତାବରଣ ମଧ୍ୟରେ ପ୍ରଥମଥର ପାଇଁ ଯେଉଁ ଘଟଣାଟି ପୂର୍ବ ମେଳାମାନଙ୍କର ବିବିଧ ଆଧାତ୍ମିକ ପୁରୁଷଙ୍କର ଚର୍ଚ୍ଚାକୁ ପଛରେ ପକାଇ ଏକ ନୂତନ ଇତିହାସ ରଚିଲା ତାହା ଯେତିକି ରୋଚକ ସେତିକି ଚିନ୍ତାଦ୍ୟୋତକ ? ଗଙ୍ଗା, ଯମୁନା ଓ ସରସ୍ୱତୀ ଭଳି ପତିତପାବିନୀ ଚିରସ୍ରୋତାନଦୀଙ୍କର ସଙ୍ଗମସ୍ଥଳ ହରିଦ୍ୱାରସ୍ଥ ତ୍ରିବେଣୀ ପ୍ରୟାଗରାଜପୀଠର କୁମ୍ଭମେଳାରେ ଯେଉଁ ଭକ୍ତିର ପ୍ଲାବନ ଘଟେ, ତାହାକୁ ଭଟ୍ଟା ପକାଇ ଏକ ଭିନ୍ନମାର୍ଗ ଆଡ଼କୁ ପ୍ରଭାବିତ କଲା ଜଣେ ତରୁଣୀର ନେତ୍ର ଯୁଗଳ। ଏଇ ଘଟଣାକୁ ଆଜିର ସୋସିଆଲମିଡ଼ିଆ ବା ସାମାଜିକ ଗଣମାଧ୍ୟମ ସମେତ ଶହଶହ ବୈଦ୍ୟୁତିକ ଗଣମାଧ୍ୟମ ଏବଂ ପ୍ରିଣ୍ଟମିଡ଼ିଆ ସଭିଏଁ ଏଭଳି ମହତ୍ତ୍ୱ ପ୍ରଦାନ କେତେଦିନଧରି କଲେ ଯେ କୋଟିକୋଟି ଜନତା ସେଇ ନୀଳମୟନାର ଦର୍ଶନରେ ବ୍ୟାକୁଳ ହୋଇଉଠିଲେ। ତୀର୍ଥସ୍ନାନ ହେଲା ଗୌଣ, ନେତ୍ରସ୍ନାନ ହେଲା ମୁଖ୍ୟ। ଅସମ୍ଭାଳ ଭିଡ଼ ଜମିଗଲା ସେଇ ଲଳନାଙ୍କ ଚତୁଃପାର୍ଶ୍ୱରେ। ନାକେଦମ ହେଲା ସୁରକ୍ଷା ସ୍ଥିତି। ସେଲଫି ସହ କଥା ପଦିଏ ତା'ସହ ହେବାକୁ ଲାଗିଲା ଲମ୍ଫାଧାଡ଼ି। ଭିଡ଼ିଓ ସୁଟିଂ ପାଇଁ ୟୁଟ୍ୟୁବ୍ ଚେନାଲ ସହ ବ୍ୟକ୍ତିଗତ ସୁଟିଂ ପାଇଁ ସହସ୍ରାଧିକ ଲୋକ ଲମ୍ବା ଲାଇନରେ ରହିଲେ। ଏଭଳିକି ମେଳା ମଧ୍ୟସ୍ଥ ସେହି ଲଳନା ଜଣକ ତମ୍ବୁରେ ରହିବା ଅସୁରକ୍ଷିତ ମଣିଲେ। ଜୀବନ ବିପଦାପନ୍ନ ମନେ ହେଲା। କେତୋଟି ଦିନରେ ଏମିତି ସ୍ଥିତିହେଲା ଯେ ଲଳନାର ବାପାଜଣକ ବାଧ୍ୟହେଲେ ସେଇମେଳାରୁ ତାଙ୍କ ଗାଁମାଟିକୁ ତାଙ୍କ ଝିଅକୁ ପଠାଇଦେବାକୁ। କି ଭୁଲ ଥିଲା ଜୀବନ ବଞ୍ଚିବାପାଇଁ ବାପା ସହ ମେଳାରେ ମାଳି ବିକ୍ରିକରି ଅର୍ଥ ସଂଗ୍ରହ କରିବାକୁ ଆସିଥିବା କିଶୋରୀ ଜଣକର ? ସୁଦୂର ମଧ୍ୟପ୍ରଦେଶର ଇନ୍ଦୋର ନିକଟରୁ ନିଜର ଗୁଜୁରାଣ ମେଣ୍ଟାଇବାକୁ ଏହି ମେଳାକୁ ବାପା ସହ ଆସିଥିଲାବେଳେ ସେ କି ଜାଣିଥିଲା ତା' ଆଖିର ମାଦକତା ଓ ସୌନ୍ଦର୍ଯ୍ୟ ଏତେ ଲୋଭନୀୟ ଏବଂ ଆକର୍ଷଣୀୟ ଯେ ତାହା ତା' ପାଇଁ ଆଶୀର୍ବାଦ ନହୋଇ ଅଭିଶାପ ହୋଇଯିବ ? ନିଜର ଚକ୍ଷୁଯୁଗଳ ତା' ପାଇଁ ପରିଚୟ ଦେଲା ନା ସମସ୍ୟା ସୃଷ୍ଟି କଲା ? ଶିକ୍ଷାଦୀକ୍ଷା ଶୂନ୍ୟ ଅତି ସାଧାରଣ ଜୀବନ ଜିଇଁ ଚାଲିଥିବା ୧୬ ବର୍ଷ ବୟସର କିଶୋରୀ ଯେ ଦିନେ ଦେଶ ଓ ବିଦେଶର କୋଟି କୋଟି ଲୋକଙ୍କର ଆକର୍ଷଣୀୟ ହୋଇଉଠିବ ଏକଥା କିଏ ବା ଜାଣିଥିଲା ? ସତରେ ଏହାର ରହସ୍ୟ ରୋମାଞ୍ଚକୁ ଭେଦ କରିବା କ'ଣ ସହଜ ନୁହେଁ ? ସୁନ୍ଦରତା ସୃଷ୍ଟିକର୍ତ୍ତାଙ୍କର ଦାନ। କେହି କାହା ସହ ସମାନ ନୁହେଁ। ତଥାପି କେବେକେବେ ଗଢ଼ଣରେ କେମିତି କେବେ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଯାଏ। ତାହା ଶତପ୍ରତିଶତ ହୁଏତ ନହୋଇପାରେ ହେଲେ ଅନେକ ପରିମାଣରେ ସମାନତା ଆସିଯାଇଥାଏ। ଏହାକୁ ଏକ ସଂଯୋଗ ମାତ୍ର କୁହାଯାଇ ପାରେ।

ଏଥରର କୁମ୍ଭମେଳାର ଅଧ୍ୟାତ୍ମିକ ପରିବେଶ ଭିତରେ ସାଧାରଣ ମାଳିବିକାଳି ଲଳନାଜଣକ କୌଣସି ଏକ କ୍ୟାମେରାମ୍ୟାନ୍‌ଙ୍କ ଦୃଷ୍ଟିରେ ହଠାତ୍ ପଡ଼ିଗଲା, ଆଉ ସେହି କ୍ୟାମେରାମ୍ୟାନ୍ ଦ୍ୱାରା ଉତ୍ତୋଳିତ ଫଟୋଟି ଧୀରେଧୀରେ ଆଲୋକର ବେଗ ଭଳି ତଡ଼ିତ ବେଗରେ କେତେକେତେ ଭୂମି ଓ ଭୂମାକୁ ପରିବ୍ୟାପ୍ତ ହୋଇଗଲା। ଏମିତି ସ୍ଥିତି ହେଲା ଯେ, ଝିଅ ସାଥିରେ ରହିଲେ ରୋଜଗାର ଆଉ ସମ୍ଭବ ନୁହେଁ ଅନୁଭବ କରି ତାର ବାପାଜଣକ ଝିଅକୁ ମେଳାରୁ ପଠାଇଦେଲେ ତାଙ୍କ ଗାଁ ମାଟିକୁ। ଏଠି ପ୍ରଶ୍ନ ଉଠୁଛି, ଗୋଟିଏ ମହାପୁଣ୍ୟ ଅର୍ଜନର ତୀର୍ଥଭୂମି ଭାବେ ବିଶ୍ୱବିଦିତ ହୋଇଥିବା କୁମ୍ଭମେଳାର ଯେଉଁ ମହତ ଉଦ୍ଦେଶ୍ୟ ଏହାଦ୍ୱାରା ପରାହତ ହେଲାନାହିଁ କି ? ଏପାଇଁ ଦାୟୀ କିଏ ? ଏ ମିଡ଼ିଆ ଜଗତ ନା ସୁନ୍ଦରପଣରେ ଗଢ଼ିଥିବା ସୃଷ୍ଟିକର୍ତ୍ତାଙ୍କର ? ଏହା କ'ଣ ସମୟର କ୍ରୁର ଉପହାସ ? ଏହି ଘଟଣାରୁ ଗୋଟିଏ କଥା ପରୀକ୍ଷିତ ହେଲା ଯେ, ମଣିଷ ତା'ର ଦୈହିକ କାମନା ଓ ବାସନାର ଉର୍ଦ୍ଧ୍ୱକୁ କୌଣସି ପରିସ୍ଥିତିରେ ଉଠିପାରୁନାହିଁ। ଚର୍ମନେତ୍ରର ମାଦକତା ବି ଏତେ ଏତେ କୋଟିଜନଙ୍କୁ ବିଭୋର କରିପାରେ ? ନାରୀ ନେତ୍ରାଗ୍ନିରେ ସବୁ କିଛି ଜାଳିପୋଡ଼ି ଧ୍ୱଂସ କରିପାରେ ପୁନଶ୍ଚ ପ୍ରୀତି-ପ୍ରଣୟର ମଧୁ ଝରାଇ ପାରେ, ଏକଥାଟିକୁ ଆମକୁ ଭୁଲିଯିବାର ନୁହେଁ।

ଏଠାରେ ଗଣମାଧ୍ୟମ ମୁଖ୍ୟ ପ୍ରସଙ୍ଗଠୁ ଦୂରେଇ ଏକ ଗୌଣ ଅନାବଶ୍ୟକ ଦିଗକୁ ଯେଭଳି ସେନ୍‌ସେସନ୍ କରିବସିଲା ତାହା କୁମ୍ଭସ୍ନାନର ମହାନ ପ୍ରବିତ୍ରତାକୁ ଅନେକାଂଶରେ ପ୍ରତିହତ କଲା। ଗଣମାଧ୍ୟମର ଏତାଦୃଶ କାର୍ଯ୍ୟକୁ ଚିନ୍ତାଶୀଳ ବୁଦ୍ଧିଜୀବୀଗଣ ନାପସନ୍ଦ କରିଛନ୍ତି। ଏହା ସେମାନଙ୍କର ଦ୍ରୁତ ବ୍ୟବସାୟିକ ଦିଗକୁ ଲାଭାନ୍ୱିତ କରିପାରେ ମାତ୍ର ଶତାବ୍ଦୀ ଶତାବ୍ଦୀ ଧରି ଯେଉଁ ପବିତ୍ରବାତାବରଣ ରହିଆସିଥିଲା ତାହାର ସ୍ଥିତାବସ୍ଥାରେ ପ୍ରଶ୍ନଚିହ୍ନ ସୃଷ୍ଟିକଲା।

+ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-
୭୫୬୦୨୩
ମୋ: ୯୪୩୭୦୮୯୨୪୧

## କାଳିକିଙ୍କର

# ଗଣତନ୍ତ୍ରର ଗଣଚେତନା

ଆମେ ୧୯୫୦ ମସିହାରୁ ସାଧାରଣତନ୍ତ୍ର ପାଳନ କରୁଛୁ ବା ସଗର୍ବରେ ଆମେ କହି ଆସିଛୁ ଯେ ଗଣତନ୍ତ୍ରରେ ଆମେ ନିବାସ କରୁଛି । ଆମେ ଚଳାଉଛୁ ଦେଶ ଆମରି -ଆମରି ନାଆରେ ଆମେ ନାଉରୀ । ପିଲାଦିନେ ଆମେ ଏମିତି ଅନେକ ଗୀତ ଗାଉଥିଲୁ । ହାତରେ ଥିଲା ଆମର ଜାତୀୟ ପତାକା ଓ କଣ୍ଠରେ ଥିଲା ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜୟ ଜୟକାର । ମହାତ୍ମାଗାନ୍ଧୀ କୀ ଜୟ, ଜବାହରଲାଲ ନେହେରୁ କୀ ଜୟ, ଭାରତମାତା କୀ ଜୟ, ବନ୍ଦେ ମାତରମ୍, ଜୟହିନ୍ଦ ଆଦି ସ୍ଲୋଗାନ ଦେଇ ଆମେ ପ୍ରଭାତ ଫେରି କରୁଥିଲୁ । ଏ କଥା ମୁଁ ସ୍କୁଲ ଜୀବନର କଥା କହୁଛି । ବଡ଼ଲୋକମାନେ ମଧ ଗାଁ ଗଣ୍ଡା, ଛକ ବଜାର ଆଦିରେ ତ୍ରିରଙ୍ଗା ପତାକା ଉଡେଇ ଗଣତନ୍ତ୍ରର ଏହି ଉତ୍ସବ ପାଳୁଥିଲେ । ପ୍ରାୟ ପ୍ରତ୍ୟେକ ଘରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଫୋଟୋ ଥାଏ । ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ତାଙ୍କୁ ଫୁଲ ଚନ୍ଦନରେ ସମ୍ମାନ ଜଣାଉଥିଲେ ଘରର ସଦସ୍ୟମାନେ । ସତରେ କେଡେ ମହାନ ଗଣାପର୍ବ ଥିଲା ଏହି ଦିନସବୁ । ଜାତି ଧର୍ମ ବର୍ଣ୍ଣ ଅଂଚଳ ନିର୍ବିଶେଷରେ ସମସ୍ତେ ଗଣତନ୍ତ୍ରର ଏହି ଉତ୍ସବକୁ ପାଳନ କରୁଥିଲେ । ସମସ୍ତେ ଗର୍ବରେ ସହ ଏହି ଦିନମାନଙ୍କରେ କହୁଥିଲେ ଯେ ଆମେ ଭାରତୀୟ ଆମେ ଗାନ୍ଧୀଙ୍କର ବଂଶଧର ଯିଏ ବିନା ହିଂସା ଓ ରକ୍ତପାତରେ ଆମକୁ ସ୍ୱାଧୀନତା ଓ ଗଣତନ୍ତ୍ର ଉପହାର ଦେଇଥିଲେ । ଇଂରେଜ ଭଳି ଶକ୍ତିଶାଳି ସାମ୍ରାଜ୍ୟକୁ ଏ ଦେଶକୁ ସ୍ୱାଧୀନତା ଦେଇ ଯିବାକୁ ବାଧ କରିଥିଲେ ।



ସେଦିନ ଯେତେବେଳେ ଏ ଦେଶର ଗଣତନ୍ତ୍ରର ଉତ୍ସବ ପାଳନ ହେଉଥିଲା ସେତେବେଳେ ସ୍ୱପ୍ନ ସବୁ ପ୍ରତ୍ୟେକ ଭାରତୀୟଙ୍କ ମନହୃଦୟରେ ଫୁଟି ଚାଲିଥିଲା । ଏ ଦେଶରେ କେହି ଭୋକରେ ରହିବେନି, କେହି ବାସହୀନ ଜୀବନ ବିତେଇବେ ନାହିଁ, ସମସ୍ତଙ୍କୁ ସମାନ ଅଧିକାର ମିଳିବ, ସମସ୍ତଙ୍କୁ ନ୍ୟାୟର ଗ୍ୟାରେଣ୍ଟି ମିଳିବ, ସୁଖର ହେବ ଆମ୍ଭର ଜୀବନ । ନାରୀପୁରୁଷ, ଧନୀ ନିର୍ଦ୍ଧନ, ଜାତି ଅଜାତି, ଧର୍ମ ଅଧର୍ମ, ଉଚ୍ଚ ନୀଚର ବିଭେଦ ଦୂର ହୋଇଯିବ । ଶିକ୍ଷା ଓ ସ୍ୱାସ୍ଥ୍ୟର ସୁବିଧା ସମସ୍ତଙ୍କୁ ସମାନ ମିଳିବ ।

ଆମେ ୭୫ତମ ସାଧାରଣତନ୍ତ୍ର ଦିବସରେ ପହଞ୍ଚି ପାଇଛୁ କଣ-ପାଇନୁ କଣ-ପାଇବାକୁ ଅଛି କଣ ଓ କେମିତି ପାଇବୁ ସେସବୁର ଆଲୋଚନା କରିବାର ସମୟ ଆସିଛି ।

ଦୁଃଖ ଓ ପରିତାପର ବିଷୟ ଯେ ଦେଶ ସ୍ୱାଧୀନତାପାଇବା ବା ଗଣତନ୍ତ୍ର ଘୋଷଣା ହେବାର ଏତେବର୍ଷ ବିତି ଯାଇଥିଲେ ବି ଆମେ ଆମର ଗୋଟିଏ ହେଲେ ସ୍ୱପ୍ନ ସଫଳ କରିପାରିଛୁ ବୋଲି କହି ପାରିବା ନାହିଁ । ନା, ଆମେ ସମସ୍ତଙ୍କୁ ପେଟପୂରା ଖାଦ୍ୟ ଦେଇପାରିଛୁ ନା ସମସ୍ତଙ୍କୁ ବାସସ୍ଥାନ ଓ ବାସଗୃହ ଦେଇପାରିଛୁ । ବରଂ ଆଜି ଏ ଦେଶର ଅନେକ ଲୋକଙ୍କ ମନ ଓ ହୃଦୟରେ ଆମେ ଦାରିଦ୍ର୍ୟତାର ମୋହର ମାରି ବାହାବାହା ନେଉଛୁ । ମାଗଣା ଚାଉଳ ବାଣ୍ଟୁଛୁ ମାଗଣା ଔଷଧ ବାଣ୍ଟୁଛୁ, ମାଗଣା ବାସଗୃହ ବାଣ୍ଟୁଛୁ । ମାଗଣା ବାଣ୍ଟିବାର ଆଜି ଯେମିତି ଏ ଦେଶକୁ ଶାସନ କରୁଥିବା ଦଳମାନଙ୍କର ପ୍ରତିଯୋଗିତା ଚାଲିଛି । ଆଉ ଏକ ଲଜ୍ଜାର କଥା ଯେ ଆଜି ଆମେ ସେହି ମାଗଣାଜୀବନ ଜିଇଁବାର ଗର୍ବ ବି ଅନୁଭବ କରୁଛୁ ଯେମିତି । ସାମାନ୍ୟ ସ୍ୱାଭିମାନ ଆମେ ହଜେଇ ଦେଇଛୁ।

କେବଳ ଏତିକି ନୁହେଁ, ଆଜି ଗଣତନ୍ତ୍ର ଯେତିକି ନିନ୍ଦିତ ଗଣଚେତନା ସେତିକି କଳଙ୍କିତ। ନିର୍ବାଚନ ଆସିଲେ ଧନାଢ୍ୟ ନେତାମାନେ ଭୋଟ କିଣନ୍ତି । ଯିଏ ଯେତେ ଦାମ ଦେଲା ଭୋଟ ତାକୁ ମିଳିଲା । ଟଙ୍କା, ମଦଠାରୁ ଆରମ୍ଭ କରି ଜୋତା ଛତା, ଗହଣା ଆଦି ବଣ୍ଟାଗଲାଣି । ସତରେ ଏହା କଣ ଗଣତନ୍ତ୍ର ବା ଗନାଚେତନା ? ଆମେ ତଥାପି ଡିଣ୍ଡିମ ପିଟିଚାଲିଛୁ ଯେ ଆମେ ବିକାଶ କରୁଛୁ । ଖୁବ ଶୀଘ୍ର ଆମଦେଶ ବିକଶିତ ଦେଶର ଶ୍ରେଣୀଭୁକ୍ତ ହୋଇଯିବ । ଦେଶର ଗଣତନ୍ତ୍ର ଆଜି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଦେଶରେ ହିଂସା ବଢ଼ିଛି, ଘୃଣା ତାର ଡେଣା ପ୍ରସାରିତ କରିଛି, ଦୁର୍ନୀତି ସଗର୍ବରେ ମୁଣ୍ଡଟେକି ଛିଡ଼ା ହୋଇଛି । ଏହା କଣ ବାସ୍ତବ ଗଣତନ୍ତ୍ର ବା ଗନାଚେତନା ? ବିଚାର କରିବାର ବେଳ ଆସିଥିଲେ ବି ବିଚାର କରୁଛି କିଏ ?

ଅବସୋସର କଥା ଯେ ଆଜି ଦେଶରେ ଗାନ୍ଧୀ ଅଲୋଡା, ପ୍ରଦେଶରେ ଗୋପବନ୍ଧୁ ମଧ୍ୟ ଅଲୋଡ଼ା । କେବଳ ସୁବିଧାବାଦର ଫୁଲମାଳ କେତେବେଳେ କେମିତି ପିନ୍ଧିବାର କାମନାରେ ସେମାନଙ୍କୁ ସମ୍ମାନ । ଆଜି ତ ସେମାନଙ୍କ ତ୍ୟାଗ ବଳିଦାନକୁ ଅଣଦେଖା କରାଗଲାଣି, ଏମିତି କି କୃତଜ୍ଞ ଜାତିକୁ କୃତଘ୍ନ କରିବାର ଚକ୍ରାନ୍ତ ମଧ ଚାଲିଲାଣି । ଏ ଜାତି ଆତତାୟୀକୁ ମହିମାମଣ୍ଡିତ କରିବାକୁ ଚେଷ୍ଟା କଲାଣି ଜାତିର ପବିତ୍ର ଗ୍ରନ୍ଥ ସମ୍ବିଧାନକୁ ବଦଳେଇବାର ଚେଷ୍ଟା କଲାଣି । ଏମିତିକି ସମ୍ବିଧାନ ନିର୍ମାତାଙ୍କୁ ନିନ୍ଦିତ କଲାଣି । ତେଣୁ ଗଣତନ୍ତ୍ର ଦିବସ ପାଳନ ଅବସରରେ ଆମକୁ ଆମର ଗଣଚେତନାର ସମୀକ୍ଷା କରିବା ନିତ୍ୟାନ୍ତ ଜରୁରୀ ହୋଇ ପଡିଛି ।

ଗଣତନ୍ତ୍ର ମାଟି ନା ଆକାଶ, କଅଁଳ ଦୁବଘାସର ଗାଳିଚାରେ ଅଲେକ କୀଟ ଦଂଶନରେ ରତ, କଅଣ ହେବ ଆମ୍ଭର ଭବିଷ୍ୟତ- ଏହାହିଁ ଆଜିର ଶ୍ରେଷ୍ଠ ଅନୁଚିନ୍ତା ।

+କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ,
ସୁନହଟ, ବାଲେଶ୍ୱର-୭୫୬୦୦୨ ।



## ତ୍ରିରଙ୍ଗା

### ଗୋଲୋକବିହାରୀ ବେହେରା

ଆମ ଏ ଭାରତ ବିଶ୍ୱରେ ପ୍ରସିଦ୍ଧ
ଗଣତନ୍ତ୍ର ଶାସନର,
ବିଶ୍ୱଗୁରୁ ଆଜି ଏ ଭାରତ ବର୍ଷ
ପ୍ରଚାର ମହା ମନ୍ତ୍ରର।
ଜାନୁୟାରୀ ମାସ ଛବିଶ ତାରିଖ
ଭାରତର ସଂବିଧାନ,
କାର୍ଯ୍ୟକାରୀ ହେଲା ସେହି ଦିନଠାରୁ
ନିୟମେ ଚାଲେ ଶାସନ।
ଆମର ଗରବ ଜାତୀୟ ପତାକା
ତିନୋଟି ରଙ୍ଗରେ ଗଢା,
ନାରଙ୍ଗୀ ଧବଳ ସବୁଜ ରଙ୍ଗଟି
ଦିଏ ତିନି ବାର୍ତ୍ତା ପରା।
ନାରଙ୍ଗୀ ରଙ୍ଗଟି ଉର୍ଦ୍ଧ୍ୱରେ ରହିଛି
ଶୌର୍ଯ୍ୟ ବୀରତ୍ୱ ପ୍ରତୀକ,
ମଧ୍ୟରେ ଧବଳ ସତ୍ୟ ଶାନ୍ତି କହେ
ସବୁଜ ଭ୍ରାତୃତ୍ୱ ଦେଖ ।
ମଝିରେ ରହିଛି ଅଶୋକ ଚକ୍ର ଯେ
ପ୍ରଗତିର ସେ ପ୍ରତୀକ,
ଶାନ୍ତି ମୈତ୍ରୀ ପ୍ରୀତି ବାରତା ଶୁଣାଏ
ସର୍ବେ ଭାରତୀୟ ଏକ ।
ଜାତି ଧର୍ମ ବର୍ଣ୍ଣ ଭାଷା ଭିନ୍ନ ଭିନ୍ନ
ବିଦ୍ୱାନଙ୍କ ମତ ନେଇ,
ବାବା ଭୀମ ରାଓ ଆମ୍ବେଦକର
ଲେଖିଥିଲେ ମନଦେଇ ।
ହିନ୍ଦୁ ମୁସଲମାନ ଶିଖ ଖ୍ରୀଷ୍ଟିଆନ
ବୌଦ୍ଧ ଜୈନ ଭାଇ ଭାଇ,
ଭାରତୀୟ ଆମେ ଗରବେ କହିବା
ଜାତୀୟତା ଭାବ ବହି।
ଆମ ଗଣତନ୍ତ୍ର ଲୋକଙ୍କ ନିମିତ୍ତ
ଲୋକଙ୍କ ମଙ୍ଗଳ ପାଇଁ,
ଆମ ଅଧିକାର କର୍ତ୍ତବ୍ୟ ସବୁକୁ
ଦେଉଛି ପରା ସୂଚାଇ।
ଆମର ଏକତା ଆମ ଅଖଣ୍ଡତା
ହେଉ ଆମର ଆଦର୍ଶ,
ଜାତି ଧର୍ମ ଭୁଲି ଶପଥ କରିବା
ଆମ ଏ ଭାରତବର୍ଷ ।
ଏ ପତାକା ତଳେ ଆମେ ଦେଶବାସୀ
ସମସ୍ତେ ହୋଇବା ଏକ,
ଜାତୀୟ ପତାକା ଜୟଗାନ କରି
ରଖିବା ଦେଶର ଟେକ ।

+ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬





## ଜାତୀୟ ସଙ୍ଗୀତ ଦେବାରେ ଗାଇ

### ନଳିନୀ ଦାଶ

ସାଧାରଣତନ୍ତ୍ର ଦିବସ ଆସିଛି
ପାଳନ କରୁଛି ଦେଶ
ଆମ ଗଉରବ ତ୍ରିରଙ୍ଗା ପତାକା
ଉଡ଼ାଇ ଗାଇବା ଯଶ ।
ଜାତୀୟ ସଙ୍ଗୀତ ସଭିଏଁ ଗାଇବା
ପତାକାର ତଳେ ରହି
ସ୍ୱାଧୀନ ପାଇଁକି ଆମ ଦେଶ ଜନ
ଥିଲେ କେତେ ଦୁଃଖ ସହି ।
ଦେଶ ହିତ ପାଇଁ ସଭିଏଁ ଲଢ଼ିବା
କରିବା ଆମେ ଶପଥ
ଯିବାନି କୁପଥେ ପ୍ରଗତି ପାଇଁକି
ବାଛି ନେବାରେ ସୁପଥ ।
ଗାନ୍ଧୀ ଗୋପବନ୍ଧୁ ଅହିଂସା ପଥରେ
ଯାଇ ଦେଲେ ସଫଳତା
କାରାଗାରେ ରହି ଦୁଃଖ ଲୁହ ପିଇ
ଆଣିଥିଲେ ସ୍ୱାଧୀନତା ।
ଏକତା ଡୋରିରେ ବାନ୍ଧି ହେବା ଆମେ
ସରବେ ଭଉଣୀ ଭାଇ
ଭେଦଭାବ ମନେ ରଖିବା ନାହିଁଟି
ପତାକା ଦେବା ଉଡ଼େଇ ।
ଆମର ଦେଶରେ ପ୍ରଚଳିତ ହେଲା
ଯେବେ ଠାରୁ ଗଣତନ୍ତ୍ର
ସେହିଦିନଠାରୁ ଆମେ ଭାରତୀୟ
ସରବେ ହେଲେ ସ୍ୱତନ୍ତ୍ର ।
ମାଆ ଯଶ ଗାନ କରୁଥିବା ନିତି
ଆମେ ଅଇରୀ ତଡିବା
ଏଇ ଦେଶ ଜାତି ପାଇଁ ଲଢ଼ି ଲଢ଼ି
ଜୀବନକୁ ଦେଇଦବା ।

+ଭିକାରିପଡା, ଶରଣକୁଳ, ନୟାଗଡ଼ ।
ମୋ: ୯୨୩୮୯୯୬୬୪୯

## ଦାଟ୍ ଇଜ୍ ମାଇଁ ଇଣ୍ଡିଆ

### ଦିବାକର ନାୟକ

ସଂହତି-ଡୋରେ ବନ୍ଧା ହୋଇ
ପ୍ରେମର ଗୀତ ଗାଆନ୍ତି ଯହିଁ
ଶିଖ୍ ମୁସଲିମ୍ ହିନ୍ଦୁ ଆଉ ଖ୍ରୀଷ୍ଟିୟାନ୍...
ଦାଟ୍ ଇଜ୍ ମାଇଁ ଇଣ୍ଡିଆ,
ଆଇ ଏମ୍ ପ୍ୟୁର୍ ଇଣ୍ଡିଆନ୍
ଆଇ ଲଭ୍ ମାଇଁ ଇଣ୍ଡିଆ,
ଆଇ ଏମ୍ ପ୍ୟୁର୍ ଇଣ୍ଡିଆନ୍
ସେଣ୍ଟ୍ ପର୍ସେଣ୍ଟ୍ ଇଣ୍ଡିଆନ୍...ଇଣ୍ଡିଆନ୍
ବିଶ୍ୱ ମଙ୍ଗଳ ପାଇଁ ପରମାଣୁ ଯହିଁ ଫୁଟେ
ସମବେଦନାର ଲୁହ ଆନ ପାଇଁ ଯହିଁ ଛୁଟେ;
ଅହିଂସାର ଓଁ କାର ଶୁଭେ ଯହିଁ ଅହରହ
ମାନବିକତାର ଫୁଲ ବାସେ ଯହିଁ ମହମହ;
ଶାନ୍ତିକାମୀ ସେ କେଉଁ ଦେଶ
ଜଗତ ଗାଏ ଯା' ଗୁଣ ଯଶ
ଯୁଗେ ଯୁଗେ ଯିଏ ସ୍ୱର୍ଗଠାରୁ ଗରୀୟାନ୍...
ଦାଟ୍ ଇଜ୍ ମାଇଁ ଇଣ୍ଡିଆ,
ଆଇ ଏମ୍ ପ୍ୟୁର୍ ଇଣ୍ଡିଆନ୍
ବିଶ୍ୱ ପରିବାର ଯିଏ ଗଢ଼ିବାକୁ ଆଗଭର
ଦେଶ ପରଦେଶ ଭାବ ସାତ ସପନଠୁ ଦୂର;
ପ୍ରତାରଣା-କରବାଳ ଭାଙ୍ଗେ ଯହିଁ ବାରବାର
ସତ୍ୟ ଶାନ୍ତି କ୍ଷମା ନେତ
ଉଡ଼େ ଯହିଁ ଫରଫର;
ମମତା ମଧୁ ଝରଣା ଯହିଁ
ଭିଜାଇ ଦିଏ ହୃଦୟ ଭୂଇଁ
ବିଶ୍ୱେ ଯେ ଦେଶ
ଆପଣା ଗୁଣେ ମହୀୟାନ୍...
ଦାଟ୍ ଇଜ୍ ମାଇଁ ଇଣ୍ଡିଆ,
ଆଇ ଏମ୍ ପ୍ୟୁର୍ ଇଣ୍ଡିଆନ୍ ।

+ପାଟପୁର, କନିସି, ଗଞ୍ଜାମ
ମୋ:୯୯୩୮୬ ୧୯୯୮୧

# ସତସଙ୍ଗର ଆହ୍ୱାନ - ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ

## ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସିନା ସ୍ୱାଧୀନତା ଲାଭ କଲା କିନ୍ତୁ ଆଜିର ଦିନରେ ସ୍ୱାଧୀନତା ଭାରତ ବିଧିବଦ୍ଧ ଭାବେ ତା'ର ପ୍ରଣୀତ ସମ୍ବିଧାନକୁ ଦାପ୍ତରିକ ସ୍ୱୀକୃତି ପ୍ରଦାନ କଲା। ଅନ୍ୟ ଅର୍ଥରେ ଏହି ପବିତ୍ର ସମ୍ବିଧାନ ହିଁ ଦେଶ ଶାସନର ସର୍ବଶ୍ରେଷ୍ଠ ଓ ସର୍ବୋଚ୍ଚ ନିୟାମକ ଗ୍ରନ୍ଥ। ଏହା ଦେଶର ଦର୍ପଣ ସଦୃଶ, ଯେଉଁଠି ଆଇନ ପ୍ରଣୟନକାରୀ, ଆଇନ କାର୍ଯ୍ୟକାରୀ ଓ ଆଇନ ସୁରକ୍ଷାକାରୀ ଏହି ତିନି ବର୍ଗର ପ୍ରତିନିଧିମାନେ ନିଜ ନିଜର କାର୍ଯ୍ୟ ସଂପାଦନରେ ପ୍ରତିଦିନ ମୁହଁ ଦେଖିଥାନ୍ତି। ଦେଶର ସାର୍ବଭୌମତ୍ୱ ରକ୍ଷା ଦିଗରେ ଏହା ବେଦ ବା ଗୀତା ସଦୃଶ। ଏଭଳି ଏକ ପବିତ୍ର ଗ୍ରନ୍ଥ ରଚନାରେ ଦେଶର ବିଭିନ୍ନ ବର୍ଗର ବହୁ ବୁଦ୍ଧିଜୀବୀ, ଚିନ୍ତାନାୟକ କେତେ ନା କେତେ ପରାମର୍ଶ ଓ ଶ୍ରମଦାନ କରିଛନ୍ତି ତାହା ଇତିହାସର ଏକ ଅମର ଅଧ୍ୟାୟ ହୋଇ ରହିଛି।

ସତସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି - ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ। ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ - ସର୍ବପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ। ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ। ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା। ତୁମେ କୌଣସି କିଛି କରିବାକୁ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ଯଦି ବିଫଳ ମନୋରଥ ହୁଅ, କ୍ଷତି ନାହିଁ ତୁମେ ଛାଡ଼ ନାହିଁ ଏହି ଅମ୍ଳାନ ଚେଷ୍ଟା ହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ। ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ। ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ - ହେ ପିତା, ମୁଁ ତୁମରି ସନ୍ତାନ; ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ି ଯିବିନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛକରି ଅନ୍ଧକାର ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ। ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। ପ୍ରତ୍ୟେକଙ୍କ ମା' - ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକକୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ - ଧର୍ମ କେବେ ହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ - ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ।

ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ। ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା। ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦ୍ଦାମ କଣ୍ଠରେ ଗାଇ ଉଠିଲେ - 'ଆର୍ଯ୍ୟ ଭାରତ ବର୍ଷ ମୋର, ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା, ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ, ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ, ମୃତ୍ୟୁ ବିଜୟ ଦାୟିନୀ ! ହୋମର ଅନଳ ନାଚେ ଛଳ ଛଳ, ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ, ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ, ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର, ପୁରୁଷୋତ୍ତମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର, ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଳକି ସତ୍ତା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ' । ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚିତ୍ତରେ ଘୋଷଣା କଲେ - ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ।

+ସହ-ପ୍ରତିରକ୍ଷିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ରାମରାଜ୍ୟର ପରିକଳ୍ପନା ଏବଂ ଏହାର ବାସ୍ତବତା



## ଆଶୁତୋଷ ନାୟକ

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ। ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର । ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ । ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚିଟୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨%ଜିଏସଟି ଆଦାୟ କରୁଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ। ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ ।

ଆଇଏଲଓର ରିପୋର୍ଟ ଅନୁସାରେ ୨୦୦୦ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରୀଙ୍କ ସଂଖ୍ୟାରେ ଦୁଇଗୁଣା ବୃଦ୍ଧି ଘଟିଛି ।୨୦୦୦ ମସିହାରେ ଆମ ଦେଶରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ୩୫.୨%ଥିଲା କିନ୍ତୁ ୨୦୨୨ରେ ଏହା ୬୫.୭% ବୃଦ୍ଧି ଘଟିଛି। ସରକାର ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଆମ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡିଥିବା ପରି ପ୍ରତୀୟମାନ ହେଉଛି ।

ବଡ଼ ବଡ଼ ଅଟ୍ଟାଳିକ, ରାସ୍ତା ନିର୍ମାଣ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଗଛଲତା ବଳି ପଡୁଛନ୍ତି । ସେଥିପାଇଁ ତାପମାତ୍ରା ଅହେତୁକ ବୃଦ୍ଧି ଘଟୁଛି । ଅନେକ ସ୍ଥାନରେ ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୮°,୪୯° କେତେକ ସ୍ଥାନରେ ଏହା ୫୦ ଡିଗ୍ରୀରୁ ଅଧିକ ପ୍ରଚଣ୍ଡ ରୌଦ୍ର ତାପ ହେଉଛି । ପାଣିପାଗ ବିଶେସଂଜ୍ଞଙ୍କ ମତରେ ଆଗକୁ ପରିସ୍ଥିତି ଭୟଙ୍କର ହେବାକୁ ଯାଉଛି । ବିଶ୍ୱରେ ଅସ୍ୱାଭାବିକ ଭାବେ ବଦଳୁଛି ପାଣିପାଗ। ଜଳବାୟୁ ପରିବର୍ତ୍ତନ ପାଇଁ ବନ୍ୟପ୍ରାଣୀ, ଗଛଲତା, ମନୁଷ୍ୟ, ଜୀବଜନ୍ତୁ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଏହି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସେମାନେ ପ୍ରାଣତ୍ୟାଗ କରୁଛନ୍ତି । ବିଶ୍ୱର ଲଣ୍ଡନ, ପ୍ୟାରିସ ନ୍ୟୁୟର୍କ, ଟୋକିଓ ପରି ବଡ଼ବଡ଼ ସହର ଏବଂ ଆମ ଦେଶର ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ଚେନ୍ନାଇରେ କ୍ରମାଗତ ଜନସଂଖ୍ୟା ଓ ଗାଡ଼ିମଟର, କଳକାରଖାନା ବୃଦ୍ଧି ପାଇଁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି । ସ୍ପ୍ରେ, ଅତର ବହୁଳ ବ୍ୟବହାର ପାଇଁ ଆମ ଓଜ଼ନ ସ୍ତରରେ ରନ୍ଧ୍ର ହେବାରେ ଲାଗିଛି। ଏଥିପାଇଁ ଚର୍ମକର୍କଟ ପରି ଭୟଙ୍କର ସମସ୍ୟାରେ ଜର୍ଜରିତ ବିଶ୍ୱବାସୀ । ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏପରି ପରିସ୍ଥିତି ଲାଗିରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ବିଶ୍ୱର ୫୦%ରୁ ଅଧିକ ବ୍ୟକ୍ତି ବିଭିନ୍ନ ଶ୍ୱାସଜନିତ ରୋଗ ଯେପରି ଆଜମା, ଫୁସଫୁସ୍, ହାର୍ଟଷ୍ଟ୍ରୋକ, କ୍ୟାନସର ପରି ଭୟଙ୍କର ରୋଗରେ ଆକ୍ରାନ୍ତ ହେବେ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ ।ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ । ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ।

କରୋନା ମହାମାରୀ ସମୟରେ ନିଜକୁ ସବୁଠାରୁ ବଳଶାଳୀ ମନେ କରୁଥିବା ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ଗୃହବନ୍ଦୀ ହୋଇରହିଥିଲା । ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷିଆ, ଜାପାନ, ଚୀନ, ଫ୍ରାନ୍ସ, ଜର୍ମାନୀ ଇତ୍ୟାଦି କରୋନା ଭୁତାଣୁ ଆଗରେ ନତମସ୍ତକ ହୋଇପଡିଥିଲା । ସେମାନଙ୍କ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଉନ୍ନତ ଜ୍ଞାନକୌଶଳ ସବୁକିଛି ବ୍ୟର୍ଥ ହୋଇଯାଇଥିଲା । ବିକଶିତ ରାଷ୍ଟ୍ର ମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ ଭୁଷୁଡ଼ି ପଡିଥିଲା ।ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରୁଥିଲେ । ଅନେକ ବ୍ୟକ୍ତିଙ୍କ ଖାଦ୍ୟ ଅଭାବରୁ ସେ ସମୟରେ ଜୀବନ ପ୍ରଦୀପ ଲିଭିଯାଇଥିଲା । ପ୍ରାଣଘାତୀ ମାରାତ୍ମକ କରୋନା ଭୁତାଣୁ ପାଖରେ ସମଗ୍ର ବିଶ୍ୱ ଯେପରି ଅସହାୟ ଓ ନିରୁପାୟ ହୋଇପଡିଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ ଅଛି । ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି ।



ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମ ରୁ ମୃତ୍ୟୁ ପଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ । ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଦାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ୍ୟ ହେଉଛନ୍ତି । ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି । ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ ।

ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା । ଏଥିରେ ୨୦୦ରୁ ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ ।

ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ । ସେହିପରି ମହାନ ରାଷ୍ଟବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ଏକ ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା । ରାଜନୀତିରେ ଘୋଡା ବେପାରକୁ ସେ ନାପସନ୍ଦ କରୁଥିଲେ ।କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରିନଥିଲା । ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା ।ସେଥିପାଇଁ ଡ଼ିସେମ୍ବର୨୫ ତାରିଖକୁ ଆମ ଦେଶରେ ଗୁଡ଼ ଗବେରନାନ୍ସ ଡ଼େ ଭାବେ ପାଳନ କରାଯାଉଛି ।

ସଦ୍ୟ ସମାପିତ ଲୋକସଭା ନିର୍ବାଚନରେ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳ ମାନେ ବିପୁଳ ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଲୋଭନୀୟ ସାମଗ୍ରୀ ବାଣ୍ଟିଥିଲେ । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ୧୦୦୦୦କୋଟିରୁ ଅଧିକ ନଗଦ ଟଙ୍କା,୧୨୬୦କୋଟିରୁ ଅଧିକ ସୁନା ଅଳଙ୍କାର ଏବଂ ବିଭିନ୍ନ ଲୋଭନୀୟ ସାମଗ୍ରୀ ଦେଶର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିଲା । ଏହା ନିଶ୍ଚିତ ଭାବେ ଭାରତୀୟ ନିର୍ବାଚନ ଇତିହାସ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ ।

ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିବା ଆଗ ଧାଡ଼ିର ସର୍ବେକ୍ଷଣ ସଂସ୍ଥା ଏଡ଼ିଆର ଏବଂ ଇଲେକ୍ସନ ୱାଚର ରିପୋର୍ଟ ଅନୁସାରେ ସଦ୍ୟ ସମାପିତ ହୋଇଥିବା ଲୋକସଭା ନିର୍ବାଚନରେ ୮୩୬୦ଜଣ ପାର୍ଥୀ ନିର୍ବାଚନ ରଣାଙ୍ଗନରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୩୩୩ଜଣ ପାର୍ଥୀ ଜାତୀୟ ଦଳରୁ, ୫୩୨ଜଣ କ୍ଷତ୍ରୀୟ ଦଳରୁ ଏବଂ ୩୯୧୫ଜଣ ପାର୍ଥୀ ସ୍ୱାଧୀନ ଭାବରେ ଲଢ଼ିଥିଲେ ଏବଂ ୨୫୮୦ଜଣ ପାର୍ଥୀ ଅଣତାଲିକାଭୁକ୍ତ ଦଳରୁ ନିର୍ବାଚନ ଲଢ଼ିଥିଲେ । ଜାତୀୟ ଦଳରୁ ନିର୍ବାଚନ ଲଢ଼ିଥିବା ୧୩୩୩ଜଣ ପାର୍ଥୀଙ୍କ ମଧ୍ୟରୁ ୪୪୩ଜଣ ପାର୍ଥୀ ନିଜ ନାମରେ ରହିଥିବା ଅପରାଧ ମାମଲାକୁ ସତ୍ୟପାଠରେ ଦର୍ଶାଇଛନ୍ତି । ସେଥିମଧ୍ୟରୁ ୧୬୯ଜଣ ପାର୍ଥୀଙ୍କ ନାମରେ ରହିଛି ହତ୍ୟା, ଧର୍ଷଣ, ଚୋରି, ଦଙ୍ଗା ଉସୁକାଇବା, ଡକାୟତି, ଦେଶଦ୍ରୋହ ପରି ଅତି ସଙ୍ଗୀନ ଅପରାଧିକ ମାମଲା ।

ସ୍ୱାଧୀନ ଭାବରେ ଲଢୁଥିବା ୩୯୧୫ଜଣ ପାର୍ଥୀଙ୍କ ମଧ୍ୟରୁ ୫୫୦ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି ସେଥିମଧ୍ୟରୁ ୪୧୧ଜଣ ପାର୍ଥୀଙ୍କ ନାମରେ ରହିଛି ସଙ୍ଗୀନ ଅପରାଧିକ ମାମଲା ।

ଏକବିଂଶ ଶତାବ୍ଦୀର ରାଜନେତାଙ୍କୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ସବୁ ରାଜନୈତିକ ଦଳ ନିଜର ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରନ୍ତି । ନିର୍ବାଚନରେ ବିଜୟୀ ହେବା ପାଇଁ ସାଧାରଣ ଜନତାଙ୍କୁ ମିଥ୍ୟା ପ୍ରତିଶୃତି, ଅବାସ୍ତବ ସ୍ୱପ୍ନ ଦେଖାଇଥାନ୍ତି ।ସବୁ ନୀତି, ନିୟମ, ନୈତିକତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କଳ, ବଳ, କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥାଏ ।

ଶାସନ କ୍ଷମତାରେ ରହିଥିବା ଶାସକଦଳ ଅଧିକ ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରିବାକୁ ସକ୍ଷମ ହୋଇଥାଏ । ବିରୋଧୀ ଦଳଙ୍କୁ ସେହିପରି ସୁଯୋଗ ମିଳିନଥାଏ । ଏହି ସତ୍ୟକୁ ସ୍ୱୀକାର କରିବାକୁ ପଡିବ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଯେପରିକି ଆୟକର ବିଭାଗ, ଇଡ଼ି, ସିବିଆଇ, ଏନଆଇ, ଏହା ସହିତ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମତାଧିନ ଶାସକଦଳ ଚେଷ୍ଟା କରେ । ଅନେକାଂଶରେ ଶାସକ ଦଳ ଏଥିରେ ସଫଳ ହୁଏ ଏବଂ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ଏହାକୁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରେ ।

ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା । ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ । ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖାଯାଇଥିଲା । ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖାଯାଇଥିଲା । ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା । ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା।

ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣିନପାରନ୍ତି,ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ ।

ଆମ ଦେଶର ଜାତୀୟ ପିତା ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ରାମରାଜ୍ୟର ପରିକଳ୍ପନା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମ ଦେଶର ରାଜନେତା ପରସ୍ପର କାଦୁଅଫିଙ୍ଗା ରାଜନୀତିରୁ ବିରତ ରହି ରାଷ୍ଟ୍ରର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିବେ । ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା, ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତିର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟା ରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ । ଏହା ସମସ୍ତଙ୍କ ମିଳିତ ସହଯୋଗରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଭୋଟ ବ୍ୟାଙ୍କ ଏବଂ କାଦୁଅ ଫିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡିବ । ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

+ ଗୋପାଳପୁର,ବାଲେଶ୍ୱର
ମୋ:୭୦୨୦୬୧୧୩୦୦



## ଆଜି ଏ ତ୍ରିରଙ୍ଗା ତଳେ
### ସରୋଜ କୁମାର ଦାସ

ଆଜି ଏ ତ୍ରିରଙ୍ଗା ତଳେ
ମନେ ପକେଇବା ଅଭୁଲା ସ୍ମୃତିକୁ
ବିଗତ ଦିନରେ ବୀର ସନ୍ତାନଙ୍କ କଥା,
ସାହସ, ବୀରତ୍ୱ, ତ୍ୟାଗ,ବଳିଦାନ
ଯାହା ପାଇଁ ଆମ ଦେଶ ସାର୍ବଭୌମ
ଆମେ ସ୍ୱାଧୀନ ଦେଶର
ସ୍ୱାଧୀନ ସନ୍ତାନ
ଆମେ ଭାରତୀୟ ଆମ ପରିଚୟ
କେତେ ମହାନ ଆମରି ପ୍ରଥା ।

ଆଜି ଏ ତ୍ରିରଙ୍ଗା ତଳେ
ଗାଉଥିବା ଆମେ ଜାତୀୟ ସଙ୍ଗୀତ
ପାଉଥିବା ଆମେ ମୁକ୍ତିର ଆନନ୍ଦ
ନାଚ ଗୀତ ତାଳେ ତାଳେ,
ନେଉଥିବା ଆମେ ବଜ୍ର ଶପଥ
ରଖିବାକୁ ଏହି ଦେଶର ମହତ
ଲୀନ ହେଇଯାଉ ଏ ଦେହ ଆମରି
ଭାରତ ମାତାର କୋଳେ ।

ଆଜି ଏ ତ୍ରିରଙ୍ଗା ତଳେ
ଆମେ ଭାବୁଥିବା ସେଦିନର କଥା
କେତେ ଯେ ଅଭୁଲା କୀର୍ତ୍ତି
ଆମ ସମ୍ବିଧାନ ଆଜିର ଦିବସେ
ଗଢି ଦେଇଥିଲା ଆମର
ଶାସନ ନୀତି,
ସେ ମହାନ ବୀର ଆମ୍ବେଦକର
ଲେଖି ସମ୍ବିଧାନ ହେଲେ ଅମର
ଚାରୋଟି ସ୍ତମ୍ଭରେ ଶାସନ ବ୍ୟବସ୍ଥା
ଧର୍ମ ନିରପେକ୍ଷ ନୀତି
ଆଜି ଗର୍ବରେ ଫୁଲିଛି ଛାତି ।

ଆଜି ଏ ତ୍ରିରଙ୍ଗା ତଳେ
ଭୁଲିଯିବା ଆମେ ସବୁ ଭ୍ରଷ୍ଟାଚାର
ରଖିବାନି ଭେଦଭାବ,
ହିଂସାର ପଥ ଦୂରେଇ ଦେଇ
ଶାନ୍ତିର କଥା କହି
ଆମେ ତ ଗଢ଼ିବା ଆମରି ଦେଶକୁ
ନେଇ ନୂଆ ଅନୁଭବ ।
ଆମ ସମ୍ବିଧାନ ନୀତି ଓ ନିୟମ
ମାନିବା ହୃଦୟ ଦେଇ
ସଭିଙ୍କୁ ଦେବାରେ ନିଜ ଅଧିକାର
ଶୋଷଣ ରହିବ ନାହିଁ ।

+ ବାଲିଆପାଳ

## ସ୍ୱାଧୀନ ଦେଶର କଥା
### ଅମରନାଥ ବାରିକ୍



ମୁଁ ରାଜ୍ୟ ବାହାରେ ଦାଦନ ଖଟୁଛି
କ୍ରୀତଦାସ ସାଜି ସଂସାର ପାଳେ
ଦରଖିଆ ହୋଇ ଜୀବନ ବିତାଏ
ମିଳେନାହିଁ ମୋତେ ଆହାର ମୁଠେ
ତଥାପି ଶୁଣୁଛି ମୋ ଦୁଇ କର୍ଣ୍ଣ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ।

ମୁଁ ଜଣେ କୃଷକ ଫଳାଉଛି ଶସ୍ୟ
ବୁହାଉଛି ନିତି ରକତ ବିନ୍ଦୁ।
ମିଳେନାହିଁ ମତେ ମୋ ପାରିଶ୍ରମିକ
ଦୁଃଖ ବହିଯାଏ ମୋ ସାତ ସିନ୍ଧୁ।
ଅଭାବେ କୁଟୁମ୍ବ କାଟୁଛି ଦିନ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ।

ମୁହିଁ ନାବାଳିକା କୋମଳ କଢ଼ିଟେ
କି ଦୋଷ କରିଛି ଏ ଦୁନିଆର।
ସୁଯୋଗ ପାଇଲେ ଧର୍ଷଣ କରନ୍ତି
ବିକଳରେ ହୁଏ ମୁଁ ବଳାତ୍କାର।
ନିରବେ କୁହଇ ମୋ ଭଙ୍ଗା ମନ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ।

ପୁଣି ଇଚ୍ଛା ହୁଏ ଚାଖିବାକୁ ଥରେ
ସ୍ୱାଧୀନତା ସ୍ୱାଦ ମିଠା କି ଖଟା।
ମିଳନ୍ତାକି ଥରେ ଜାଣନ୍ତି କେମିତି
ସ୍ୱାଧୀନତା ଲାଗେ ଖଦୀ କି ମଠା।
କାରଣ ମୁଁ ପରା ଏ ଦେଶ ଜନ
କାହିଁକି ନା ସ୍ୱାଧୀନ ଦେଶର ମୁଁ ପ୍ରଜା ଧନ୍ୟ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର,
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ମୋ:୯୫୪୦୩୦୮୦୯୫

## ସ୍ୱତନ୍ତ୍ରତା
### ସୁଜିତ କୁମାର ମିଶ୍ର



ପକ୍ଷୀର ଡେଣା ହୋଇ
ଫେରିଛିକି ଏ ଦେଶକୁ 'ସ୍ୱତନ୍ତ୍ରତା' ?

ମନ, ପ୍ରାଣ ଉଡୁଛି କି
ପତାକା ପରି ପବନରେ ଫରଫର ?
ଦମ୍ଭ କୋଠରୀରୁ
ଶୁଭୁଛି କି ତ୍ରିରଙ୍ଗାର ସ୍ୱର ?
ଏବେବି ବୈଶାଖର ତାତି
ଗ୍ରାସ କରି ଚାଲିଛି ଚରମ ସ୍ୱାର୍ଥର
ପ୍ରବଞ୍ଚନାରେ,
ଭେଜାଲ ଭାବରେ କୋଳାହଳର
ବସନ୍ତ ଋତୁ ଅଙ୍ଗେ ଅଙ୍ଗେ ଆଗମନ,
ଆଖି ପାଟି ହାତ ଯେଉଁଠି
ଖୋଜୁଛି ସେମାନଙ୍କ ସ୍ଥିତି
ସେଠି ଉଦାସୀ ଉଦାସୀ ଲାଗେ
ସ୍ୱତନ୍ତ୍ରତା ଗୀତି,
କ୍ଷେତକୁ ଲୁଟିଲା ପରି କୀଟ
ଲୁଟି ନିଆ ଚାଲିଛି ସେ
ଶ୍ରଦ୍ଧାର ସ୍ୱାକ୍ଷର।

ନଈ, ନାବ, ଆହୁଲା,
ନାଉରିଆ ନିଲାମ
ସ୍ୱାର୍ଥ ଆଡମ୍ବରର ଚୌହଦୀରେ,
ଜୀଅନ୍ତା ମାଛର ପ୍ରାଣବଳି
ଜୀଅନ୍ତା କାମନାର ତାତିରେ,
ଝୋଟି ପରି ଯେଉଁଠି ସ୍ୱତନ୍ତ୍ରତା ଏକ ରଙ୍ଗ
ସେଠି ଝରୁଛି କି
ନିର୍ଭୟ ମନରୁ ମଧୁରାଗ ?
ସ୍ୱତନ୍ତ୍ରତା ନୁହେଁ କି ମିଛ ସମାବେଶ
ଚାରା ରୋପଣ କରି ତାକୁ ହତ୍ୟା କଲେ
ଅନ୍ଧାର ଭିତରେ ।

ଲେଖନୀର ସ୍ୟାହି କଣ ଏଯାଏଁ
ଭୋଗିଛି ପ୍ରେମର ସ୍ୱତନ୍ତ୍ରତା ?
ଖବର ପୃଷ୍ଠା କଣ ଏଯାଏ ମଣ୍ଡିତ
ଆପଣା ଇଚ୍ଛାର ମଳୟରେ ?
ବୁଭୁକ୍ଷୁ ତ ଏବେବି ବନ୍ଦୀ ନାଲି ଆଖି
ଆଉ ନାଲି ଫାଇଲର ମିଳିତ
ସମରାଭ୍ୟାସରେ,
ନିସ୍ୱ ଉଲଗ୍ନ ଦେହରେ କରୁଛି
ପୃଥିବୀ ଭ୍ରମଣ,
କେଉଁଠି କେଉଁଠି ସ୍ୱତନ୍ତ୍ରତାର ଆସ୍ଥାନ
ଆଉ ତାର ସ୍ୱଧର୍ମ ?
ବିମର୍ଷ ପ୍ରାଣକୁ କେବେ କେଜାଣି ଫେରିବ
ସ୍ୱତନ୍ତ୍ରତାର ମହନୀୟ ଧର୍ମ ?

ଏବେ ତ ଖାଲି ପ୍ରକଳ୍ପର ପଞ୍ଜା ଭିତରେ
ମଣିଷର ଭାଗ୍ୟ ସଉଦା ।

ଆକାଶ ମାଟି ପବନ
ସବୁ ଦାନରେ ଦହନ,
ଶଠତାର ଟୋପି ଭିତରେ
ସତ୍ୟତାର ଆସ୍ଫାଳନ,
ବାହୁନୁଛି ନିଇତି ବୀଜପ୍ରାଣ,
ତା ସ୍ୱପ୍ନକୁ ନେଇ ସେ
ଭୂତକୋଠିରୁ
ଇଟା ପଥର ଖସିଲା ପରି ସନ୍ଦିହାନ,
ଯେଉଁଠି ଫାଶୀ ପାଏ ପ୍ରାଣର କଥା
କେମିତି କୁହତ ଏ ସ୍ୱତନ୍ତ୍ରତା ହେବ
ମଧୁ ପାର୍ବଣ ?

ଦେଶର ଭାଗ୍ୟ ତା ବାଟରେ,
ନିଆଁହୁଲା ପରି ଦଳେ ଭଗାରିଙ୍କ
କୁହେଳି ଭିତରୁ
ବାହାରିଲେ ତ ଦେଶ
ବିକଶିବ ଜହ୍ନରାତି ପରି,
ବେଶ ପୋଷାକରେ କଣ
ସଜେଇ ହୁଏ ଦେଶକୁ ?
ଲହୁଲୁହର ପ୍ରୀତି ସମ୍ମୋହନ ତ
ଲୋଡୁଛି ଭୂଖଣ୍ଡ,
ଏଠି ସମାଗମ ଅନ୍ଧ, ଅନ୍ଧାର ଆଉ
ଅଗ୍ନିକାଣ୍ଡ,
ସ୍ୱତନ୍ତ୍ରତାର ଦୁର୍ବଳ ଚେର ମାଡୁଛି
ଦେଖ ଦେଖ କେମିତି ଚେହେରାରେ ।



ବାକ୍ ସ୍ୱାଧୀନତାର ଗଳାରେ ଫାଶି ଦଉଡି
କଣ ସ୍ୱତନ୍ତ୍ରତା ନା ସ୍ୱାର୍ଥୀ ଇଚ୍ଛାର
ପୃଷ୍ଠା ପୃଷ୍ଠା ସ୍ୱେଚ୍ଛାଚାରିତା ?

ସ୍ୱତନ୍ତ୍ରତା ତ ସାମୂହିକ ସ୍ୱାର୍ଥର
ସାତସୁର,
ସ୍ୱତନ୍ତ୍ରତା ତ ବିଶ୍ୱାସ ଓ ବିମୁକ୍ତିର
ମୁଠା ମୁଠା ଫଗୁଣ,
ସ୍ୱତନ୍ତ୍ରତା ପକ୍ଷୀର
ପ୍ରେମ କୂଜନ,
ସ୍ୱତନ୍ତ୍ରତା ମୁକ୍ତି ମଣ୍ଡପର
ଅମୃତ ବନ୍ଧନ ।

ଆଉ କେତେ କାଳ ସ୍ୱତନ୍ତ୍ରତା ହେଉଥିବ
ଧର୍ଷିତା ନାରୀର କରୁଣ ଆର୍ତ୍ତନାଦ ?
ଆଉ କେତେ କାଳ ସ୍ୱତନ୍ତ୍ରତା
ହେଉଥିବ
ଧୁରନ୍ଧରଂକ ହାତରେ
ଗୋଟାଏ ମଲାଶବ ?
ଆଉ କେତେ କାଳ ସ୍ୱତନ୍ତ୍ରତା
ହତ୍ୟା ହେଉଥିବ ଆମ
ଆମ ଛଳନାର ଛୁରୀରେ ?
ଜାତୀୟ ଦିବସ ପାଳନ ହେଉଥିବ
ମିଛିମିଛିକା ସ୍ଲୋଗାନ,
ପତାକା ଉତ୍ତୋଳନ
ଆଉ ଜନଗଣମନ ଗାୟନରେ ?

+ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ୧୫ତମ ଜାତୀୟ ମତଦାତା ଦିବସ ପାଳନ

କେନ୍ଦ୍ରାପଡା, ୨୫/୧ (ନି.ପ୍ର): ତମ ଜାତୀୟ ମତଦାତା ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳେ ଜିଲ୍ଲା କାର୍ଯ୍ୟାଳୟ ପରିସର ରୁ ଏହି ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୌରସଂସ୍ଥା ଟାଉନ ହଲ ଠାରେ ଏକତ୍ରିତ ହୋଇଥିଲେ । ଏହି ଶୋଭାଯାତ୍ରା କୁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଟାଉନ ହଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅଧକ୍ଷତା କରିଥିଲେ । ମତଦାନ ଏକ ଜାତୀୟ କର୍ତବ୍ୟ । ପ୍ରତ୍ୟେକ ମତଦାତା ହାସଲ କରିଥିବା ଏହି ସାମ୍ବିଧାନିକ ଅଧିକାର କୁ ସୂଚାରୁ ରୂପେ ପାଳନ କରିବା ସହ ଦେଶ ଗଠନରେ ତାଙ୍କର ସୁଚିନ୍ତିତ ନିର୍ଣ୍ଣୟ ଏକ ସଫଳ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଜରୁରୀ ବୋଲି ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏନେଇ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ଥିଲା ।

## ନୂତନ ଭତ୍ତା ବଂଟନ କାର୍ଯ୍ୟକ୍ରମ ଆରମ୍ଭ

କନ୍ଧମାଳ, ୨୫/୧ (ନି.ପ୍ର): ଆଜି ଫୁଲବାଣୀ ପୌରପରିଷଦ ପକ୍ଷରୁ ନୂତନ ଭତା ବଣ୍ଟନ କାର୍ଯ୍ୟକ୍ରମ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରି ସରକାରଙ୍କ ପକ୍ଷରୁ ପ୍ରଦତ ନୂତନ ଭତା ବିଭିନ୍ନ ହିତାଧିକାରୀ ମାନଙ୍କୁ ପ୍ରଦାନ କରିଛନ୍ତି ବୋଲି ଯୋଗଦେଇଥିବା ଫୁଲବାଣୀ ପୌରାଂଚଳର ହିତାଧିକାରୀ ମାନଙ୍କୁ କହିଥିଲେ। ଏଥିସହିତ ଉପଯୁକ୍ତ ହିତାଧିକାରୀ ମାନେ ସେମାନଙ୍କ ଯୋଗ୍ୟତା ଭିତିରେ ଭତା ପାଇଁ ଆବେଦନ କରିବା ଆବଶ୍ୟକ ତେବେ ଯାଇ ସେମାନେ ସରକାରଙ୍କ ପକ୍ଷରୁ ରହିଥିବା ସମସ୍ତ ପ୍ରକାର ର ଭତା ପାଇବେ ବୋଲି କହିଥିଲେ। ଏହି ଅବସରରେ ତାଙ୍କ ସହିତ ଫୁଲବାଣୀ ପୌରପରିଷଦ ର ଉପାଧକ୍ଷା ଶ୍ରୀମତୀ ପାୟଲ ବେହେରା ଏବଂ ନିର୍ବାହୀ ଅଧିକାରୀ ସୂଜିତ କୁମାର ଚୌଧୁରୀ ଯୋଗ ଦେଇଥିଲେ।

## ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ: ଯାତାୟାତ ବାଧାପ୍ରାପ୍ତ



ବାଲିଆପାଳ ୨୫/୧ (ଆପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସଦର ମୋହକୁମା ସ୍ଥିତ ସିମୁଳିଆ ମାର୍କେଟ ମଝିରେ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ତାହାକୁ ରାସ୍ତା ମଝିରୁ ଖୁଣ୍ଟକୁ ହଟାଇବାକୁ ଦାବି ହେଉଛି । ଉକ୍ତ ମାର୍କେଟ ମଝିରେ ବିଦ୍ୟୁତ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଯାହା ଫଳରେ ଏହି ଏହି ମାର୍କେଟ ଦେଇ ଦୈନିକ ଶହ ଶହ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି କରୁଛି । ଏପରିକି ଯାତ୍ରୀବାହୀ ଅଟୋ, ଦୁଇଚକିଆ ଯାନ ମଧ ଉକ୍ତ ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି । ପ୍ରତିଦିନ ରାତ୍ର ସମୟରେ ଦ୍ରୁତ ଗତିରେ ଯାତ୍ରୀବାହୀ ଗାଡ଼ି, ଭାରୀଯାନ ଚଳାଚଳ କରୁଥିବାରୁ ଟିକିଏ ଅସାବଧାନତା ହେଲେ ଦୁର୍ଘଟଣା ଘଟିବା ଆଶଙ୍କାରେ ଅଞ୍ଚଳବାସୀ । ଗ୍ରାମ ପଞ୍ଚାୟତ ଓ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କର୍କଟ ପୀଡିତାଙ୍କୁ କର୍କଟ ଯୋଦ୍ଧା ସମ୍ମାନ



ଭୁବନେଶ୍ୱର, ୨୫/୧(ନି.ପ୍ର) : କର୍କଟ ଭଳି ଏକ ମାରାତ୍ମକ ରୋଗ ସହିତ ଲଢ଼ି ନିଜର ମନବଳକୁ ଦୃଢ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ୪ ଜଣ ବିଶିଷ୍ଟ ସାରସ୍ୱତ ସାଧକ କବିଙ୍କୁ କର୍କଟ ଯୋଦ୍ଧା ସମ୍ମାନ ରେ ସମ୍ମାନିତ କରାଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ତଥା ପ୍ରତିଦିନ ତିନି ସହ ରୁ ଉର୍ଦ୍ଧ କର୍କଟ ରୋଗୀଙ୍କୁ ଚିକିତ୍ସା କରୁଥିବା ଭୁବନେଶ୍ୱର ଏମ୍ସର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡ଼ ସରୋଜ କୁମାର ଦାସ ମଜୁମଦାରଙ୍କୁ ମଧ ସମ୍ବୋର୍ଦ୍ଧିତ କରାଯାଇଅଛି । ଆଜି ରୋଟାରୀ ଭବନ ପରିସରରେ 'ଅପରାହ୍ନ 'ସମ୍ବାଦପତ୍ର ପକ୍ଷରୁ ଆୟୋଜିତ କବିତା ପାଠ ଓ କର୍କଟ ଯୋଦ୍ଧା ସମ୍ମାନ ପ୍ରଦାନ ସମାରୋହରେ ଏ ସବୁ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରଥମେ ପ୍ରାୟ ୩୦ ରୁ ଉର୍ଦ୍ଧ କବି କର୍କଟ ରୋଗ ସମ୍ପର୍କ ରେ ଜନସଚେତନତା ସୃଷ୍ଟି କଲାଭଳି କବିତାମାନ ପାଠ କରିଥିଲେ । ଶେଷରେ କର୍କଟ ରୋଗରେ ପୀଡିତା କବୀ ସ୍ନେହଲତା ଦାସ ଲେଙ୍କା, ପୁଷ୍ପଲତା ମିଶ୍ର,ଜାନକୀ ବଲ୍ଲବ ଦାସ ଓ ମାନୀ ଦାଶଙ୍କୁ କର୍କଟ ଯୋଦ୍ଧା ସମ୍ମାନ ଦିଆଯାଇଥିଲା । 'ଅପରାହ୍ନ'ର ସମ୍ପାଦକ ବଂଶୀଧର ଜେନା, ପରିଚାଳନା ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦାସ ଓ ବିଶିଷ୍ଟ କଥାକାର, ସଂଳାପକାର ତଥା କବି ରଜନୀ ରଞ୍ଜନ ପ୍ରମୁଖ ମଞ୍ଚାସିନ ଥିଲେ ।

## ଫୌଜ ଇଣ୍ଡିଆ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ପାଳିତ

ଧର୍ମଶାଳା, ୨୫/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଂଚାୟତ ପଣ୍ଡୁଆ ମୌଜାସ୍ଥିତ ଫୌଜ ଇଣ୍ଡିଆ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ସ୍ମିତା ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବକୁ ଉଦଘାଟନ କରି ଥିଲେ । ଗରିବ ମେଧାବୀ ପିଲାଙ୍କୁ ମାଗଣାରେ ପାଠ ପଢ଼ାଇ ଏହି ଅନୁଷ୍ଠାନ ମଣିଷ କରିପାରିଛି ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ସାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ କଥାଶିଳ୍ପୀ ଭୀମ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ଅନୁଷ୍ଠାନ ୨୫ବର୍ଷ ଗ୍ରାମାଂଚଳ ପିଲା ମାନଙ୍କୁ ଶିକ୍ଷା ପ୍ରଦାନ କରି ଆସୁଥିବାରୁ ପ୍ରତିଷ୍ଠାତା ଅଜିତ ଜେନାଙ୍କୁ କୃତଜ୍ଞତା ଜଣାଇଥିଲେ। ସମାଜସେବୀ ମିନତୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଇଥିଲେ। ଉପ-ସଭାପତି ସୁଶାନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ କାହ୍ନୁ ଚରଣ ମଲ୍ଲିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ମାନସୀ ମଲ୍ଲିକ ଓ ସନ୍ଧ୍ୟାରଣୀ ରାଉଳ କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ। ଧରଣୀଧର ସାହୁ ଓ ବୃତାନ୍ତ ମଲ୍ଲିକ ସଭାକାର୍ଯ୍ୟ ପିଚାଳନା କରିଥିଲେ। ସଦସ୍ୟ କେଦାର ବାରିକ,ମନୋଜ ବେହେରା,ପ୍ରଦୀପ କୁମାର ପରିଡ଼ା ,ସେକ ରହିମଉଦ୍ଦିନ ଓ କେଶବ ଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ



ପବିତ୍ର ସାଧାରଣତନ୍ତ୍ର ଦିବସ -୨୦୨୫ ପାଳନ ଅବସରରେ ମୁଁ ସମସ୍ତ ବିଦ୍ୟାର୍ଥୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଦେଶର ସମସ୍ତ ଭାଇଭଉଣୀଙ୍କୁ ମୋର ଅନେକ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁସ୍ଥ ସୁନ୍ଦର ଦେଶ ଗଠନ କରିବାର ଶପଥ ନେବା ।

ଅଧ୍ୟକ୍ଷ, ରାଇରଙ୍ଗପୁର ଆଇଟିଆଇ, ମୟୂରଭଞ୍ଜ


## ଜାତୀୟ ଭୋଟର ସଚେନତା ଶିବିର ଅନୁଷ୍ଠିତ

ବସ୍ତା, ୨୫/୧ (ନି.ପ୍ର): ବସ୍ତା ବ୍ଲକ ଜାମସୁଳି ସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପରିସରରେ ବସ୍ତା ପଞ୍ଚାୟତ ସମିତି ଆନୁକୁଲ୍ୟରେ ଜାତୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମ କୁ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଦିବେନ୍ଦୁ କୁମାର୍ ଗିରି ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା,ମୁଖ୍ୟ ବକ୍ତା ଭାବେ ବସ୍ତା ତହସିଲଦାର ରାଧା ରଞ୍ଜନ ଦାସ, ଓ ସମ୍ମାନୀୟ ଅତିଥି ଭାବେ କଲେଜ ଅଧକ୍ଷା ଲିପିକା ଜେନା , ଅଧାପକ ଦେବବ୍ରତ ଦାସ, ଜିପିଓ ଅଞ୍ଜନ କୁମାର ପାଣିଗ୍ରାହୀ, ବ୍ଲକ ନିରୀକ୍ଷକ ସୁଦିପ୍ କୁମାର୍ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ମତଦାନ ଓ ଏହାର ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ। ପ୍ରତି ବର୍ଷ ଜାନୁଆରୀ ୨୫ତାରିଖକୁ ଜାତୀୟ ମଦଦାତା ଦିବସ ଭାବେ ପାଳନ କରାଯିବା ସହ, ଏହି ଦିନଟିକୁ ଭୋଟରମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥାଏ। ଗଣତାନ୍ତ୍ରୀକ ନିର୍ବଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ଙ୍କୁ ସଚେତନ କରିବା ଏବଂ ନୂଆ ଓ ଯୁବବର୍ଗର ଭୋଟରଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଯୋଡ଼ି ଉତ୍ସାହିତ କରିବା ହେଉଛି ଏହାର ମୂଳ ଲକ୍ଷ। ଏହି ଅବସରରେ କଲେଜ ଠାରୁ ସିଂଲା ଛକ ପର୍ଯ୍ୟନ୍ତ ସମସ୍ତ ଅତିଥି, ଅଧାପକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ,ଯୁବ ଭୋଟର ମିଳିତ ଭାବେ ଶୋଭାଯାତ୍ରା କରି ସଚେତନ ବାର୍ତ୍ତା ବାଣ୍ଟି ଥିଲେ। ଏହି ସ୍ୱତନ୍ତ୍ର ଦିବସ ଅବସରରେ ରଙ୍ଗୋଲି, ଚିତ୍ରାଙ୍କନ, ଡିବେଟ ପ୍ରତିଯୋଗିତା ଇତ୍ୟାଦି କରାଯାଇ କୃତି ଛାତ୍ର ଛାତ୍ରୀ ଙ୍କୁ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ଭିତରେ କଲେଜର ଅଧାପକ, ଅଧାପିକା, ଷ୍ଟାଫ୍, ବିଏଲ୍‌ଓ ଭବାନୀ ଶଙ୍କର ମଣ୍ଡଳ,ଶରତ କୁମାର ସାହୁ ,ଗୌରାଙ୍ଗ ଟୁଙ୍ଗ, ପଙ୍କଜ କୁମାର୍ ଦାସ ଉପସ୍ଥିତ ରହିଥିବା ବେଳେ , ଅଧାପକ ସୁକାନ୍ତ କୁମାର୍ ଗିରି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବାସୁଦେବପୁର, ୨୫/୧ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଆନୁକୁଲ୍ୟରେ ବାଳିକା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇ ଯାଇଛି। ଏହି ଉଦଯାପନୀ ଉତ୍ସବରେ ସଭାପତିତ୍ୱ କରିଥଲେ ଅଟଳ ବିହାରୀ ମହାବିଦ୍ୟାଳୟ ର ଅଧକ୍ଷ ବିଷ୍ଣୁ ମୋହନ ସ୍ୱାଇଁ। ଶ୍ରୀଯୁକ୍ତ ସ୍ୱାଇଁ ବାଳିକା ମାନଙ୍କ ସୁରକ୍ଷା ନିମିତ୍ତ କେତେକ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ତାଇକାଣ୍ଡୋ ସଂଘ ର ସାଧାରଣ ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀ। ଶ୍ରୀଯୁକ୍ତ ପାଣିଗ୍ରାହୀ ବାଳିକା ମାନଙ୍କୁ ପ୍ରଶିକ୍ଷଣ ର କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଦୁଇ ସହଯୋଗୀ ମାଷ୍ଟର ଶେଖ୍ ସମିର ଓ ମାଷ୍ଟର ଧନେଶ୍ୱର ଜେନା ବାଳିକା ମାନଙ୍କୁ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଇଥିଲେ। ଏହି ଆତ୍ମ ପ୍ରଶିକ୍ଷଣ ଶିବିରର ସଂଯୋଜିକା ପ୍ରଧାପିକା ସୁଜାତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଗିରିଶ ଚନ୍ଦ୍ର ପୃଥାଳ ବାଳିକା ମାନଙ୍କ ଆତ୍ମ ସୁରକ୍ଷା ଶିବିର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ସହ ସଂଯୋଜିକା ସୋଫିଆ ଶୁଭ ଦର୍ଶିନୀ ପ୍ରଧାନ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିର ରେ ଛାତ୍ରୀ ମାନେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଶିବିର ଜାନୁଆରୀ ୧୧ ତାରିଖ ୨୦୨୫ ମସିହା ଠାରୁ ଆରମ୍ଭ ହୋଇ ୨୪ ତାରିଖ ରେ ଉଦଯାପିତ ହୋଇ ଥିଲା। ବହୁ ସଂଖ୍ୟା ରେ ଛାତ୍ରୀ ମାନେ ଏହି ଶିବିର ରେ ଯୋଗ ଦେଇଥିଲେ।

## ଜଳେଶ୍ୱର ମହୋତ୍ସବ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୨୫/୧ (ନି.ପ୍ର): ଉତ୍ତର ବାଲେଶ୍ୱରର ଏକ ନିଆରା ପରମ୍ପରାର ଉତ୍ସବ ତଥା ସାହିତ୍ୟ,ସଂସ୍କୃତି, ଶାନ୍ତି ପ୍ରଗତି ଓ ମୈତ୍ରୀର ପ୍ରତୀକ "ଜଳେଶ୍ୱର ମହୋତ୍ସବ।ଜଳେଶ୍ୱର ମହୋତ୍ସବ କମିଟିର ସଭାପତି ବରିଷ୍ଠ ଆଇନଜୀବି ଶ୍ରୀଯୁକ୍ତ ଜିତାଂଶୁ ଶେଖର ନନ୍ଦୀଙ୍କ ଆହ୍ୱାନରେ ଜଳେଶ୍ୱର ବଡ ବଜାର ସ୍ଥିତ ମହୋତ୍ସବ ପଡିଆ ଠାରେ ଅପରାହ୍ନ ୪ଘଟିକା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।ଏହି ସାମ୍ବାଦିକ ସମ୍ମିଳନୀରେ କନଭେନର ତଥା ବରିଷ୍ଠ ଆଇନଜୀବି ସତ୍ୟସୁନ୍ଦର ଦାସ, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ଦିଲ୍ଲୀପ କୁମାର ଗିରି,ଡଃ ଅଜିତ କୁମାର ମହାନ୍ତି,ସମୀର କୁମାର ପାତ୍ର, କାର୍ଯ୍ୟକାରି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ,ଗୋପାଳ ଚନ୍ଦ୍ର ସାହୁ, ଇଞ୍ଜିନିୟର ରାମ ଚନ୍ଦ୍ର ସାହୁ,ଶିଶିର ହୁଇ,ମଧୁସୁଦନ ଦତ୍ତ,ସିତାଶୁ ଶେଖର ସେନାପତି, ଗୌରଚନ୍ଦ୍ର ସାହୁ, ଅଭିଜିତ କରଣ ପ୍ରମୁଖ ସଭ୍ୟ ଉପସ୍ଥିତ ରହି ମହୋତ୍ସବ ସମ୍ପର୍କରେ ଅବଗତ କରାଇଥିଲେ। ଚଳିତ ବର୍ଷର ମେଳା ତା୨୯/୧/୨୦୨୫ ରିଖ ରୁ ଆରମ୍ଭ ହୋଇ ତା୭/୨/୨୦୨୫ ରିଖ ପର୍ଯ୍ୟନ୍ତ ଚାଲିବ।୮/୨/୨୦୨୫ ରଖ ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ୯/୨/୨୦୨୫ ରିଖ ରେ ପ୍ରତିବର୍ଷ ଭଳି ୧୪ ରୁ ୧୫ ହଜାର ଲୋକ ପ୍ରସାଦ ସେବନ କାର୍ଯକ୍ରମ ଅନୁଷ୍ଠିତ ହେବ।

## ବଡସିମୁଳିଆ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ




କପ୍ତିପଦା, ୨୫/୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଜଡିଦା ଗ୍ରାମ ପଞ୍ଚାୟତରେ ଥିବା ବଡସିମୁଳିଆ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ ମହାଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ମେଘାସନ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଡଃ ନିରଂଜନ ପାଠୀଙ୍କ ଅଧକ୍ଷତରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥିଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୁଖ୍ୟବକ୍ତାଭାବେ ପଣ୍ଡିତ ରଘୁନାଥ ମୁର୍ମୁ ଜୁନିୟର ମହାବିଦ୍ୟାଳୟ ଶରତର ଅଧକ୍ଷ ଡ. ଭଗବାନ ପଣ୍ଡା, ସ୍ୱତନ୍ତ୍ର ଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ଓ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀ, ସମ୍ମାନିତ ଅତିଥିଭାବେ ରାଣିପୋଖରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ କୁନ୍ତଳା ମହାନ୍ତ, ଜଡିଦା କ୍ଲଷ୍ଟର ସିଆରସିସି ନରେନ୍ଦ୍ର ମହାନ୍ତ,ଜଡିଦା ସରପଞ୍ଚ ମୀନତିରାଣୀ ମଢେଇ, ଔପନ୍ୟାସିକ କୃଷ୍ଣଚନ୍ଦ୍ର ମିଶ୍ର, ଏସଏମଡିସି ସଦସ୍ୟ ବ୍ରହ୍ମାନନ୍ଦ ଖଣ୍ଡେଇ, ଶରତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବର୍ଣ୍ଣାଡ ଏକ୍କା, କଟୁରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡମ୍ବରୁଧର ମାରାଣ୍ଡି,ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ସେଠୀ, ବିଦ୍ୟାଳୟର ବିଜ୍ଞାନଶିକ୍ଷକ ସ୍ୱର୍ଗତଃ ଶୁଭେନ୍ଦୁ ଗାଆଣଙ୍କ ପିତାମାତା ରମାକାନ୍ତ ଗାଆଣ ଓ ଖୁଲଣା ବେହେରା ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ରଂଜନ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟତ୍ରୀ ମନୁମଣୀ ପାଢୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସ୍ୱର୍ଗତଃ ବିଜ୍ଞାନ ଶିକ୍ଷକ ଶୁଭେନ୍ଦୁ ଗାଆଣଙ୍କର ସ୍ମୃତି ଉଦ୍ଦେଶ୍ୟରେ 'ଶୁଭେନ୍ଦୁ ଛାତ୍ରୀ ବୃତ୍ତି' ନବମ ଓ ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ଜଣ କୃତି ଛାତ୍ରୀଙ୍କୁ ଶୁଭେନ୍ଦୁ ସାର୍‌ଙ୍କ ପିତାମାତା ପ୍ରଦାନ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କୃଷ୍ଣମୋହନ ପଣ୍ଡା, ଦେବେନ୍ଦ୍ର ସେଠୀ,ଅଶୋକ ଗାୟା,ବ୍ଲାଥ ଟୁଡୁ,ସଂଗୀତା ମହାକୁଡ,ଅର୍ଚ୍ଚନା ସେଠୀ, ସତ୍ୟଜୀବନ ଜ୍ୟୋତି ବେହେରା ଓ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଦେଶୀ ବନ୍ଧୁକ ସହ ଜଂଗଲି ମାଂସ ଏବଂ ବାରୁଦ ଜବତ : ଦୁଇ ଶିକାରୀ ଗିରଫ



ନୀଳଗିରି , ୨୫/୧ (ନି.ପ୍ର): କୁଳଡ଼ିହା ଅଭୟାରଣ୍ୟରେ ଶିକାରୀ ମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏହାକୁ ଦମନ କରିବା ପାଇଁ କୁଳଡିହା ରେଞ୍ଜର ସୁବ୍ରତ କୁମାର ବେହେରା ଏବଂ ବିଭାଗୀୟ କର୍ମଚାରୀ ଶନିବାର ଦିନ ଦୁଇ ଦେଶୀବନ୍ଧୁକଧାରୀ ଶିକାରୀଙ୍କୁ ଗିରଫ କରିଛନ୍ତି। ସୂଚନା ଅନୁସାରେ ସିଆଡ଼ିମାଳ ଭୁଟାସିମୁଳି ଗ୍ରାମର ବୁଦ୍ଧିଆ ସିଂର ପୁଅ ସଞ୍ଜୟ ସିଂ ଓରଫ୍ ପୁଟଳ (୨୪)ଓ ଉକ୍ତ ଗ୍ରାମର ସ୍ୱର୍ଗତ ଶ୍ୟାମ ସିଂର ପୁଅ ସନିଆ ସିଂ (୨୭) ବେଆଇନ ଭାବେ ଦୁଇଟି ଦେଶୀ ବନ୍ଧୁକ ସହ ଜନ୍ତୁଶିକାର ପାଇଁ ଅଭୟାରଣ୍ୟକୁ ପ୍ରବେଶ କରିଥିଲେ। ଏହିସମୟରେ ମାଡ଼ି ବସିଥିଲା ବନବିଭାଗ। ସେମାନଙ୍କ ନିକଟରୁ ଦୁଇଟି ଦେଶୀବନ୍ଧୁକ ସହ, ଜଙ୍ଗଲି ମାଂସ ଓ ବାରୁଦ ଜବତ କରିବା ସହ ଗିରଫ କରିଛନ୍ତି। ଧାରା ୫୧(୧) ରେ ସଂପୃକ୍ତ ଦୁଇଜଣ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିଶିଷ୍ଟ ଜନସେବୀ ସ୍ୱର୍ଗତଃ ରାଜେନ୍ଦ୍ର ନାଥ ଘୋଷଙ୍କ ପାଇଁ ଶୋକସଭା



ରାଜଘାଟ, ୨୫/୧ (ନି.ପ୍ର): ସ୍ଥାନୀୟ ବନ୍ଧମୁଣ୍ଡି ଗ୍ରାମ ର ବିଶିଷ୍ଟ ସମାଜସେବୀ ତଥା ବୟୋଜ୍ୟଷ୍ଠ ବ୍ୟକ୍ତି ରାଜେନ୍ଦ୍ର ନାଥ ଘୋଷଙ୍କ ଏକାଦଶାହ ଉପଲକ୍ଷେ ଏକ ଶୋକ ସଭା ହୃଦାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ- ହୃଦାନନ୍ଦ ପୁରାତନ ଛାତ୍ର ସଂସଦ ଓ ଘୋଷ ପରିବାର ତରଫରୁ ତାଙ୍କ ବନ୍ଧମୁଣ୍ଡି ସ୍ଥିତ ବାସଭବନରେ ବହୁ ନିମନ୍ତ୍ରିତ ବ୍ୟକ୍ତି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ହୃଦାନନ୍ଦ ପୁରାତନ ଛାତ୍ର ସଂସଦର ସଭାପତି ଇଂଜିନିୟର ତଥା ଡକ୍ଟର ହୃଷୀକେଶ ସାହୁଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇ ଥିଲା। ସେ ସ୍ୱର୍ଗତଃ ଘୋଷଙ୍କ ସାମଗ୍ରିକ ଜୀବନ, କର୍ତ୍ତବ୍ୟବୋଧ ସର୍ବୋପରି ହୃଦାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ହୃଦାନନ୍ଦ ଘୋଷଙ୍କ ଏକମାତ୍ର ପୁତ୍ର ହିସାବରେ ସ୍କୁଲର ଶିକ୍ଷାଦାନ ଓ ବିଦ୍ୟାଳୟକୁ ପରିଚାଳନାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ତତ୍ ସହିତ ଗ୍ରାମ କମିଟି, ବଜାର କମିଟି, ସୁବର୍ଣ୍ଣରେଶ୍ୱର ମନ୍ଦିର କମିଟି ପ୍ରଭୃତିର କର୍ମକର୍ତ୍ତା ଓ ଉପଦେଷ୍ଟା ଥିଲେ। ସେ ଜଣେ ସଫଳ ବ୍ୟବସାୟୀ ଓ ଯାତ୍ରା ଦଳର ମାଲିକ ମଧ ଥିଲେ। ତାଙ୍କର ସହଯୋଗୀ ତଥା ଜଣେ ବରିଷ୍ଠ ମୂରବୀ ଶ୍ରୀ ପ୍ରଶାନ୍ତ ପରିଡ଼ାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ହୃଦାନନ୍ଦ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଓ ସଦସ୍ୟ ସନ୍ୟାସୀ ଚରଣ ପ୍ରଧାନ, ଅନୂପ କୁମାର ବେହେରା, ବିଭୂ ପ୍ରସାଦ ଦାସ,କାର୍ତ୍ତିକ ଚନ୍ଦ୍ର ବେହେରା, ପର୍ଶୁରାମ କୁଣ୍ଡ, ହରିଶ୍ଚନ୍ଦ୍ର ଦତ୍ତ, ବିକାଶ ମିଶ୍ର, ପ୍ରସନ୍ନ କୁମାର ପାତ୍ର, ଅକ୍ଷୟ କୁମାର ସି, ପଦ୍ମଲୋଚନ ଭୂୟାଁ, କମଳ ଲୋଚନ ବେହେରା, ସଦାନନ୍ଦ ବେହେରା, ସନ୍ଦିପ ସାହୁ, ମନ୍ମଥ କୁମାର ପରିଡ଼ା, ଡ଼ା. ଅରୂପ ଅଭିଷେକ, ତାରାକାନ୍ତ କବି, ଆକାଶ ବେହେରା ପ୍ରମୁଖ ସ୍ୱର୍ଗତଃ ଘୋଷଙ୍କ ସ୍ମୃତି ଚାରଣ କରି ସ୍ଥାନୀୟ ଅଞ୍ଚଳ ରେ ଶିକ୍ଷାର ଉନ୍ନତି ଓ ସାମାଜିକ ସମ୍ପର୍କ ଓ ଭାଇଚାରା ପାଇଁ ତାଙ୍କର ଭୂମିକାକୁ ମନେ ପକାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତାଙ୍କ ଜାମାତା କେଦାର ନାଥ ହୁଇ, ଝିଅ କାଞ୍ଚନ, ଝିଆରୀ ମଞ୍ଜୁ, ଝିଆରୀ ଜ୍ୱାଇଁ ଡାକ୍ତର ଅରୁଣ କୁମାର ପ୍ରଧାନ, ବୋହୂ ପ୍ରଭାତୀ, ନାତୁଣୀ ଅଂଜଳି, ନାତି ସ୍ୱାଗତ, ପୁତୁରା ବୋହୂ ଶୁଭଶ୍ରୀ ସାହୁ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତଃ ଘୋଷ ଙ୍କ ଚାରି ପୁତ୍ର ଦୈତାରି ଘୋଷ, ମଧ୍ୟମ ପୁତ୍ର ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ କାର୍ତ୍ତିକ ଘୋଷ, ରବୀନ୍ଦ୍ର ଘୋଷ ଓ କନିଷ୍ଠ ପୁତ୍ର ଇଂଜିନିୟର ଅତୁଲ ଘୋଷ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।






## ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ



ପବିତ୍ର ସାଧାରଣତନ୍ତ୍ର ଦିବସ -୨୦୨୫ ପାଳନ ଅବସରରେ ମୁଁ ଦେଶର ସମସ୍ତ ଭାଇଭଉଣୀମାନଙ୍କ ମୋର ଅନେକ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁସ୍ଥ ସୁନ୍ଦର ଦେଶ ଗଠନ କରିବା ।

**ଇଂ. ଅଶ୍ୱିନୀ କୁମାର ଦଣ୍ଡପାଟ**
ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ସମାଜସେବୀ, ବାଲେଶ୍ୱର



## ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ

**ଡକ୍ଟର ପ୍ରୀତି ପଲ୍ଲବୀ ପାଣିଗ୍ରାହୀ**
ଆସିଷ୍ଟାଣ୍ଟ ପ୍ରଫେସର (ଡରମାଟୋଲୋଜି, ସ୍କିନ)
IMS AND SUM-2,Bhubaneswar

Visiting Consultant,
**MADHAB CLINIC** (near Chidiapolo)
**Every 2nd & 4th Saturday.**



## ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ



ପବିତ୍ର ସାଧାରଣତନ୍ତ୍ର ଦିବସ -୨୦୨୫ ପାଳନ ଅବସରରେ ମୁଁ ସମସ୍ତ ଭାଇଭଉଣୀମାନଙ୍କ ମୋର ଅନେକ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁସ୍ଥ ସୁନ୍ଦର ଦେଶ ଗଠନ କରିବା ।

**ନଳିନୀକାନ୍ତ ଦାସ**
ଧାମରା, ଭଦ୍ରକ



## ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ



ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ସମଗ୍ର ଦେଶବାସୀଙ୍କୁ ମୁଁ ଶୁଭ ଅଭିନନ୍ଦନ ଜଣାଉଛି । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ସମସ୍ତେ ସୁଖ ଓ ଶାନ୍ତିରେ ରୁହନ୍ତୁ ।

**ଲୋପାମୁଦ୍ରା ନାୟକ**
ଥାନା ଅଧିକାରୀ, ବାସୁଦେବପୁର, ଭଦ୍ରକ



DADLS-93



# ସମୃଦ୍ଧ ଓଡ଼ିଶା@୨୦୩୬
# ବିକାଶର ନୂଆ ପରିଭାଷା



### ଓଡ଼ିଆ ଅସ୍ମିତା
- ସଂସ୍କୃତି ଓ ଐତିହ୍ୟର ବିକାଶ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି
- ରାଜ୍ୟର ପଦ୍ମ ପୁରସ୍କାର ବିଜେତାମାନଙ୍କୁ ମାସିକ ୩୦,୦୦୦ ଟଙ୍କାର ସମ୍ମାନ ରାଶି ପ୍ରଦାନ
- ୧୦୦ ବର୍ଷ ପୁରାତନ ଐତିହ୍ୟ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ସହାୟତା

### ମହିଳା ସଶକ୍ତୀକରଣ
- ୧,୭୯,୬୨୫ ଏସ୍.ଏଚ୍.ଜିକୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ୮୫୮୧.୦୪ କୋଟି ଟଙ୍କା ପ୍ରଦାନ
- ୨୨୪୭୭ ଏସ୍.ଏଚ୍.ଜିକୁ ୧୭୯.୧୭ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ

### ବିଦ୍ୟାଳୟ ଶିକ୍ଷା
- ଗୁଣାତ୍ମକ ଶିକ୍ଷା ବିକାଶ ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ପି.ଏମ୍.-ଶ୍ରୀ ଯୋଜନାରେ ୪୫୦ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ କେନ୍ଦ୍ରରେ ରୂପାନ୍ତରଣ
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ଅନ୍ତେବାସୀଙ୍କ ଦେୟ ୨୦୦୦ ଟଙ୍କା ଛାଡ଼, ୪୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ

### ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା
- ଡିଜିଟାଲ ସ୍କିଲିଂ ଅଭିଯାନରେ ୩୦ ହଜାରରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କ ପାଇଁ ୬ ହଜାରରୁ ଅଧିକ ପାଠ୍ୟକ୍ରମର ପ୍ରଣୟନ
- ମୁଖ୍ୟମନ୍ତ୍ରୀ ଆକାଂକ୍ଷୀ ଯୋଜନାରେ ତିନିବର୍ଷ ପାଇଁ ୧୯୦ କୋଟି ଟଙ୍କାର ବ୍ୟବସ୍ଥା
- ୧୩୦ କୋଟି ଟଙ୍କା ବ୍ୟୟରେ ୨୨ଟି ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ପ୍ରସ୍ତାବ

### ସୁଭଦ୍ରା


- ସୁଭଦ୍ରା ଯୋଜନାରେ ୫ ବର୍ଷ ନିମନ୍ତେ ୫୫ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା, ଲାଭାନ୍ୱିତ ହେବେ ଏକ କୋଟିରୁ ଅଧିକ ମହିଳା
- ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ଗଲାଣି ୪ ହଜାର କୋଟିରୁ ଅଧିକ ଟଙ୍କା

### ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ
- ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର
- ଓଡ଼ିଶାର ୧ କୋଟି ପରିବାରଙ୍କୁ ଦେଶବ୍ୟାପୀ ୨୭,୦୦୦ରୁ ଊର୍ଦ୍ଧ୍ୱ ହସ୍ପିଟାଲ୍‌ରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା
- ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍ ଉପକରଣ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ

### କୃଷି ଓ କୃଷକ ସଶକ୍ତୀକରଣ
- ସମୃଦ୍ଧ କୃଷକ ଯୋଜନାରେ ଚାଷୀଙ୍କ ପାଇଁ ଧାନର ଏମ୍.ଏସ୍.ପି ଉପରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଅତିରିକ୍ତ ସହାୟତା
- ପି.ଏମ୍. କିଷାନ୍ ଓ ସି.ଏମ୍. କିଷାନ୍ ସମନ୍ୱିତ ପ୍ଲାଟ୍‌ଫର୍ମରେ ୪ ଲକ୍ଷରୁ ଅଧିକ ଚାଷୀ ଉପକୃତ
- ପାରମ୍ପରିକ କୃଷିର ପୁନରୁଦ୍ଧାର ପାଇଁ ଶ୍ରୀଅନ୍ନ ଅଭିଯାନରେ ୬୪୮.୬୧ କୋଟି ଟଙ୍କାର ବ୍ୟବସ୍ଥା

### ଗ୍ରାମ୍ୟ ଉନ୍ନୟନ
- ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଅଭିଯାନରେ ଓଡ଼ିଶାର ୧୫୨୩ଟି ଗ୍ରାମ ସବୁଦିନିଆ ରାସ୍ତା ଦ୍ୱାରା ସଂଯୁକ୍ତ
- ନିମାଣାଧୀନ ୫୦୦ ନୂତନ ସେତୁ ମଧ୍ୟରୁ ୧୧୧ଟି ସେତୁର ନିର୍ମାଣ ସମ୍ପନ୍ନ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମିତ

### ଗୃହନିର୍ମାଣ ଓ ନଗର ଉନ୍ନୟନ


- ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ପାଇଁ ୪୦୦ଟି ଇ-ବସ୍
- ୭୯୨ କୋଟି ଟଙ୍କାର ୧୩୬ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ ଓ ୩୫୯ କୋଟି ଟଙ୍କା ବ୍ୟୟରେ ୩୩୫ଟି ସହରାଞ୍ଚଳ ବିକାଶ ପ୍ରକଳ୍ପ ଲୋକାର୍ପିତ
- ଅତ୍ୟାଧୁନିକ ଗମନାଗମନ ବ୍ୟବସ୍ଥା ପାଇଁ ଡବଲ ଡେକର୍ ବସ୍‌ସେବା ଓ 'ଓଡ଼ିଶା ଯାତ୍ରୀ ଆପ୍' ଲୋକାର୍ପିତ

### ଜନଅଭିଯୋଗ ଶୁଣାଣି


ଜୁଲାଇ ୧ ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୭୨,୦୦୦ ଅଭିଯୋଗର ଶୁଣାଣି ଓ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ

### ପର୍ଯ୍ୟଟନ
- ପୂର୍ବ ଭାରତରେ ଦୁଃସାହସିକ କ୍ରୀଡ଼ା ପାଇଁ ଓଡ଼ିଶା ହେବ ପ୍ରମୁଖ ହବ୍
- ହୀରାକୁଦ ଓ ସାତକୋଶିଆ ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ୨୦୦ କୋଟି ଟଙ୍କା
- ବେଳାଭୂମି, ବୌଦ୍ଧପୀଠ, ବନ୍ୟପ୍ରାଣୀ ତଥା ରିଭର୍‌ଫ୍ରଣ୍ଟ ପ୍ରକଳ୍ପକୁ ଅଗ୍ରାଧିକାର

### ଶିଳ୍ପ ଓ ଏମ୍.ଏସ୍.ଏମ୍.ଇ
- ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଐତିହାସିକ ଓଡ଼ିଶା ଗସ୍ତ, ରିନ୍ୟୁଏବଲ୍ ଏନର୍ଜି, ଗ୍ରୀନ୍ ହାଇଡ୍ରୋଜେନ୍, ଫିନ୍‌ଟେକ୍ ସର୍ଭିସ ଓ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ୮ଟି ଏମ୍.ଓ.ୟୁ ସ୍ୱାକ୍ଷର
- ୧,୯୦,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶରେ ୧୦୪ଟି ପ୍ରକଳ୍ପ ଓ ୧ ଲକ୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସମ୍ଭବନା ସୃଷ୍ଟି

### ନିଯୁକ୍ତି, ସୁଯୋଗ ଓ ଜୀବିକା ଅଭିବୃଦ୍ଧି
- ୫ ବର୍ଷରେ ହେବ ୧.୫ ଲକ୍ଷ ସରକାରୀ ନିଯୁକ୍ତି
- ଅଦ୍ୟାବଧି ୧୮,୦୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ
- ୨୦୨୭ ସୁଦ୍ଧା ୨.୫ ଲକ୍ଷ ମହିଳା ହେବେ ଲକ୍ଷପତି ଦିଦି

### ଜନଜାତି ବିକାଶ
- ଅନୁସୂଚିତ ଜନଜାତି ବର୍ଗର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାରେ ୫୦୦୦ ଟଙ୍କାର ପ୍ରୋତ୍ସାହନ ରାଶି
- ଭୁବନେଶ୍ୱରଠାରେ ଜନଜାତି ଐତିହ୍ୟ ଭବନ ଓ ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୧୫୦ କୋଟି ଟଙ୍କା

**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**
OIPR: 15001/13/0389/2425



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo